## ନିଆରା କ୍ରୀଡ଼ା ପ୍ରତିଭା

# ମଧୁସ୍ମିତା



ମଧୁସ୍ମିତା ମିଶ୍ର।

(ହରିନାରାୟଣ ମହାନ୍ତି)

**ବନ୍ତ, ୨୮।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବରପଦାସ୍ଥିତ ବିଆଇଇଟି କଲେଜର ଡିପ୍ଲୋମା କମ୍ପ୍ୟୁଟର ସାଇନ୍ସର ୩ୟ ବର୍ଷର ଛାତ୍ରୀ ମଧୁସ୍ମିତା ମିଶ୍ର(୧୮) ହ୍ୟାଣ୍ଡବଲ, ସାଇକେଲ ପୋଲୋ, ନେଟ୍‌ବଲ୍, ରଗ୍‌ବୀ ଫୁଟବଲ, ଥ୍ରୋବଲ, ସିପକ୍ ଟାକ୍ର, ଆଟିଆପାଟିଆ ଭଳି ବିଭିନ୍ନ କ୍ରୀଡ଼ାରେ ପ୍ରତିଭା ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଛନ୍ତି। ଏଯାଏ ୪ଟି ଜାତୀୟ, ୧୦ଟି ରାଜ୍ୟସ୍ତରୀୟ ଓ ୧୬ଟି କଲେଜସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ବହୁ ପ୍ରମାଣପତ୍ର ହାସଲ କରିପାରିଛନ୍ତି। ପିଲାବେଳେ ଖୋଖୋ ଓ ଦୌଡ଼ ପ୍ରତି ରୁଚି ରଖି କ୍ରୀଡ଼ା ଅଭ୍ୟାସ ଆରମ୍ଭ କରିଥିଲେ। ସୁଯୋଗ ମିଳିଲେ ସେ ଆଗକୁ ଫୁଟବଲ ଓ ହକି ଖେଳି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି।

ପାଠପଢ଼ା ଓ ଖେଳକୁ ସମାନ ଗୁରୁତ୍ୱ ଦେଇ ଆଗକୁ ବଢ଼ିଚାଲିଛନ୍ତି ମଧୁସ୍ମିତା। ହାଇସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସବୁ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଆସୁଛନ୍ତି। କ୍ରୀଡ଼ାଭ୍ୟାସ ପାଇଁ ଯଥେଷ୍ଟ ସୁଯୋଗ ମିଳୁ ନ ଥିଲେ ବି ନିଜକୁ ଫିଟ୍ ରଖିବା ସକାଶେ ପ୍ରତିଦିନ ରାସ୍ତାରେ ଦୌଡ଼ ଅଭ୍ୟାସ ଜାରି ରଖିଛନ୍ତି। ଝିଅର କ୍ୟାରିୟର ନେଇ ମା’ ଉଷାରାଣୀ ଓ ବାପା ନାରାୟଣ ମିଶ୍ର ବହୁ ଆଶାବାଦୀ। ମଧୁସ୍ମିତା ଏକ ସାକ୍ଷାତକାରରେ କହିଛନ୍ତି, ଶିକ୍ଷାନୁଷ୍ଠାନ ପରିସରରେ କ୍ରୀଡ଼ାଭ୍ୟାସ ଆରମ୍ଭ କରି ସେ ରାଜ୍ୟ ଓ ଜାତୀୟ ସ୍ତରରେ ପହଞ୍ଚି ପାରିଛନ୍ତି। ଏହି ସମୟରେ ସେ ଜାତୀୟ ଖେଳାଳି ଦୂତୀ ଚାନ୍ଦ ଓ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଶୁଭଲକ୍ଷ୍ମୀ ବାରିକଙ୍କ ସମେତ ସୁନାମ ଅର୍ଜନ କରିଥିବା ବହୁ ଖେଳାଳିଙ୍କ ସଂସ୍ପର୍ଶରେ ଆସିଛନ୍ତି। ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ତାଙ୍କୁ ଏଯାଏ କୌଣସି ପ୍ରୋତ୍ସାହନ ମିଳି ନାହିଁ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପାଠପଢ଼ା ସାଙ୍ଗକୁ କ୍ରୀଡ଼ାଭ୍ୟାସ କରିବା କଷ୍ଟକର ହୋଇପଡୁଛି।

କ୍ରୀଡ଼ା ପ୍ରତିଭା ମଧୁସ୍ମିତାଙ୍କ ଘର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ଗ୍ରାମରେ। ସେ ହରିହର ନୋଡାଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରି ନିଳୋକ ହାଇସ୍କୁଲରେ ପାଠ ପଢ଼ିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଥିଲେ। ପରେ ଜାଗୁଲାଇ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ନାରାୟଣ ଚନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ସେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିଲେ। ୨୦୧୫ ପରଠାରୁ ଏଯାଏ ବିଭିନ୍ନ ଜିଲା, ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇଥିବାରୁ ଏହା ତାଙ୍କୁ ଉତ୍ସାହିତ କରିଛି। ହ୍ୟାଣ୍ଡବଲ ହେଉ କି ନେଟ୍‌ବଲ କିମ୍ବା ରଗ୍‌ବୀ ସବୁ ଖେଳରେ ସେ ଆଗୁଆ ରହି ପ୍ରତିଭା ପ୍ରଦର୍ଶନ କରିବାକୁ ଚେଷ୍ଟା କରି ଆସିଛନ୍ତି। ୨୦୧୭ରେ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦସ୍ଥିତ ଲାଲବାହାଦୁର ଷ୍ଟାଡିୟମଠାରେ ଅନୁଷ୍ଠିତ ୨୭ତମ ସିନିୟର ଜାତୀୟ ଆଟିଆପାଟିଆ ଚାମ୍ପିୟନଶିପ୍, ରାଜସ୍ଥାନର ଝୁନ୍‌ଝୁନ୍‌ଠାରେ ଜାତୀୟ ସାଇକେଲ ପୋଲୋ ଓ ୨୦୧୮ରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ପ୍ରତିଯୋଗିତାରେ ଭାଗ ନେବା ତାଙ୍କ ଲାଗି ଭିନ୍ନ ଅନୁଭବ ଆଣି ଦେଇଛି। ବରପଦାସ୍ଥିତ ବିଆଇଇଟି କଲେଜରେ ଦୁଇବର୍ଷ ଧରି ଆଥ୍‌ଲେଟିକ୍‌ରେ ଚାମ୍ପିୟନ ହୋଇଆସୁଛନ୍ତି। ଗ୍ରାମାଞ୍ଚଳ ପରିବେଶରେ ପାଠପଢ଼ି କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ି ମଧୁସ୍ମିତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉପଯୁକ୍ତ କୋଚିଂ ଓ କ୍ରୀଡ଼ାଭ୍ୟାସର ସୁଯୋଗ ମିଳିଲେ ସେ ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଦୁଇମାସ ପରେ ନିର୍ବାଚନ ଫଳାଫଳ ସମୀକ୍ଷା



ସମୀକ୍ଷା ବୈଠକରେ କଂଗ୍ରେସ ନେତୃବୃନ୍ଦ।

**ଭଣ୍ଡାରିପୋଖରୀ, ୨୮।୭ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରବିବାର ୨୦୧୯ ବିଧାନସଭା ନିର୍ବାଚନ ଫଳାଫଳ ସମୀକ୍ଷା ବୈଠକ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ସଭାପତିତ୍ୱରେ ଦୁଇମାସ ପରେ ନିର୍ବାଚନ ଫଳାଫଳ ସମୀକ୍ଷା କରାଯାଇଥିଲା। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ, ସମ୍ପାଦକ ଉଦୟ ନାରାୟଣ ନନ୍ଦ, ସ୍ଥାନୀୟ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସୁବ୍ରତ ଦାସ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚନ୍ଦ, ପୀତାମ୍ବର ନାୟକ, ନରନାରାୟଣ ଜେନା, ବିକାଶ ସାମଲ, ସୀତାକାନ୍ତ ଜେନା, ବିଜୟଶଙ୍କର ମହାନ୍ତି, ପ୍ରଭାତୀନଳିନୀ ପଣ୍ଡା ପ୍ରମୁଖ ନିର୍ବାଚନ ଫଳାଫଳ ସମ୍ପର୍କରେ ନିଜ ନିଜର ସମୀକ୍ଷା ଉପସ୍ଥାପନ କରିଥିଲେ। ସମସ୍ତ ସମ୍ଭାବନା ସତ୍ତ୍ୱେ ଉପଯୁକ୍ତ ନିର୍ବାଚନ ପରିଚାଳନାର ଅଭାବ, ପ୍ରାର୍ଥୀଙ୍କ ଅନୁପସ୍ଥିତି, ଦଳୀୟ ଅର୍ଥ ବାଟମାରଣା, ମାତ୍ରାଧିକ ଆତ୍ମବିଶ୍ୱାସ ଯୋଗୁ ଦଳର ବିଫଳତା ବୋଲି ସେମାନେ ଦର୍ଶାଇଥିଲେ। ପ୍ରାର୍ଥୀ ପଟ୍ଟନାୟକ କହିଥିଲେ, ସ୍ଥାନୀୟ ଦଳୀୟ ନେତା ଓ କର୍ମୀଙ୍କ ଅନୁରୋଧକ୍ରମେ ସେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କୁ ମିଳିଥିବା ୬୨ ହଜାର ଭୋଟ କିଛି କମ୍ ନୁହେଁ ବୋଲି ସେ କହିଥିଲେ। ଖୁବ୍‌ଶୀଘ୍ର ବିଭିନ୍ନ ଜୋନ୍ ଓ ପଞ୍ଚାୟତ ସ୍ତରକୁ ଯାଇ ଦଳୀୟ କର୍ମୀମାନଙ୍କୁ ଭେଟି ଅଭାବ ଅସୁବିଧା ବୁଝିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ।

୨୩ ପଞ୍ଚାୟତର ଦଳୀୟ ନେତୃମଣ୍ଡଳୀ ଓ କର୍ମୀ ଯୋଗ ଦେଇଥିଲେ। ଦଳର ଏହା ଶେଷ ନିର୍ବାଚନ ନୁହେଁ। ଆଗାମୀ ଦିନରେ ଦଳ ପୁଣି ସଂଘଟିତ ହୋଇ ନିର୍ବାଚନକୁ ସଫଳତାର ସହ ମୁକାବିଲା କରିବାକୁ ନେତା ଓ କର୍ମୀ ସଂକଳ୍ପ ନେଇଥିଲେ। ରଜନୀକାନ୍ତ ଚନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି କ’ଣ କେଉଁଠି

ଭଦ୍ରକ
- ବେଆଇନ ଛଟେଇ ବିରୋଧରେ ଅନଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭଦ୍ରକ ବ୍ଲକ ଅଫିସ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଗାଁ ଆମ ବିକାଶ କର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଭଦ୍ରକ ବ୍ଲକ ଅଫିସ, ସମୟ: ଅପରାହ୍ନ ୧ଟା।

## କଳାକାର ଚୈତନ୍ୟଙ୍କ ସ୍ମୃତିସଭା

**ଭଣ୍ଡାରିପୋଖରୀ, ୨୮।୭ (ଡି.ଏନ.ଏ.):** - ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମର ଲୋକପ୍ରିୟ କଳାକାର ତଥା ବେହେଲା ବାଦକ ସ୍ୱର୍ଗତ ଚୈତନ୍ୟ ରାଉତଙ୍କ ଏକାଦଶାହ ସ୍ମୃତିସଭା ବିଜୁ କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପୋଥାଳ ସଞ୍ଚାଳନା କରିଥିଲେ। ଚନ୍ଦ୍ରଶେଖର ନାୟକ, ଗିରିଧାରୀ ନାଥ, ଗୌରହରି ସାହୁ, ବିଦ୍ୟାଧର ରାଉତ, ବୈଦ୍ୟନାଥ ଦାସ, ଉଦ୍ଧବ ରାଉତ, ପୁରୁଷୋତ୍ତମ ଧଳ, ମଧୁସୂଦନ ଜେନା, ନିରାକାର ରାଉତ, ସବିତା ଦେ, କବିତା ଦେ, ନୃସିଂହ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଭଣ୍ଡାରିପୋଖରୀ ଓ ଧାମନଗର ଅଞ୍ଚଳର ଶତାଧିକ କଳାକାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱର୍ଗତ ରାଉତଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଚାରାରୋପଣ ଓ ସୁରକ୍ଷା ନେଇ ଶପଥ



ଅତିଥିମାନେ ଚାରାର ସୁରକ୍ଷା ପାଇଁ ଶପଥ ନେଉଛନ୍ତି।

**ଧାମନଗର, ୨୮।୭ (ଡି.ଏନ.ଏ.)**

ଧାମନଗର ବ୍ଲକ ଭାଜପା ଶହୀଦ ମଣ୍ଡଳ ପକ୍ଷରୁ ରବିବାର ସଙ୍ଗଠନ ପର୍ବ ସଦସ୍ୟତା ଅଭିଯାନ ଶୁଭାରମ୍ଭରେ ଚାରାରୋପଣ ଏବଂ ଶତାଧିକ ଚାରା ବଣ୍ଟନ କରାଯାଇଛି। ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ଶହ ଚାରାରୋପଣ କରାଯିବା ସହ ବିଭିନ୍ନ ପଞ୍ଚାୟତକୁ ଚାରା ବଣ୍ଟନ କରାଯାଇଥିଲା। ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳ, ସମ୍ପାଦକ ଗଣେଶ ଚନ୍ଦ୍ର ଦାଶ, ସଦସ୍ୟତା ଅଭିଯାନ ମଣ୍ଡଳ ପ୍ରମୁଖ ସୁରଜ କୁମାର ସାହୁ, ଅସୁରାଳି ଜିଲାପରିଷଦ ସଭ୍ୟା ଉମାମଣି ସାହୁ, ଉପସଭାପତି ବୁଦ୍ଧିରାମ ସାହୁ, ଶକ୍ତିକେନ୍ଦ୍ର ପ୍ରମୁଖ କ୍ଷୀରୋଦ ସ୍ୱାଇଁ, ବିନୋଦ ରାଉତ, ଶିବାଶିଷ ପଣ୍ଡା, ପୀତାମ୍ବର ମିଶ୍ର, ହରିଶ୍ଚନ୍ଦ୍ର ବେହେରା, ଦେବାଶିଷ ସାହୁ, ପ୍ରଶାନ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ। ବଣ୍ଟନ ସମୟରେ ଚାରାଗୁଡ଼ିକୁ ହାତରେ ଧରି ଅତିଥିମାନେ ଏହାକୁ ସୁରକ୍ଷିତ ଭାବେ ବଞ୍ଚାଇ ବୃକ୍ଷରେ ପରିଣତ କରିବାକୁ ଶପଥ ନେଇଥିଲେ। ପ୍ରତ୍ୟେକ ଗୋଟିଏ ଲେଖାଏ ଚାରାକୁ ବଞ୍ଚାଇ ପାରିଲେ ଅଭିଯାନ ସଫଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୈତାରୀ ପତି, ରାଜୀବ ନାୟକ, ନୀହାର ଦାସ, ରଜତ ଲେଙ୍କା, ନରେନ୍ଦ୍ର ରାଉତ, ପ୍ରଶାନ୍ତ ଜେନା ଓ ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୌସୁମୀ କବିତା ଆସର

**ବନ୍ତ, ୨୮।୭ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଇଲେଭେନ ଷ୍ଟାର କ୍ଲବ ପରିସରରେ ରବିବାର ଚିନ୍ତା ଚେତନା ସାହିତ୍ୟ ସଂସଦର ମୌସୁମୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଭାସ ମହାପାତ୍ର ପୌରୋହିତ୍ୟ କରିଥିଲେ। ଯୋଗ ଦେଇଥିବା କବିମାନଙ୍କର ମୌସୁମୀ ସମ୍ପର୍କିତ ଭିନ୍ନ ଭିନ୍ନ କବିତାକୁ ଆଧାର କରି ସାହିତ୍ୟିକ ହରିହର ପାଣିଗ୍ରାହୀ ବିଶଦ ଆଲୋଚନା କରିଥିଲେ। ଦାଶରଥୀ ଯେନାଙ୍କ ସଂଯୋଜନାରେ କବି ଚିତ୍ତରଞ୍ଜନ ସାମନ୍ତରାୟ, ପ୍ରଣୟ କୁମାର ସିଂହ, ଶଙ୍କର୍ଷଣ ଯେନା, ନୃସିଂହ କର, ରବୀନ୍ଦ୍ର କୁମାର ଯେନା, ଗୋଲକ ଚନ୍ଦ୍ର ଯେନା, ନିରଞ୍ଜନ ରାଉତ ପ୍ରମୁଖ ସ୍ୱରଚିତ ମୌସୁମୀ କବିତା ପାଠ କରିଥିଲେ। ସମ୍ପାଦକ ଅଶୋକ କୁମାର ଦେଓ ପ୍ରାରମ୍ଭିକ ସୂଚନା ଦେବା ସହ ଆସନ୍ତା ଅଗଷ୍ଟ ୧୫ ତାରିଖରେ ସଂସଦ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ।

## ‘ପଲ୍ଲୀ ଚିତ୍ରକୁ କବିତାରେ ରୂପ ଦେଉଥିଲେ ଅନାଦି’

**ତିହିଡ଼ି, ୨୮।୭ (ଡି.ଏନ.ଏ.):** ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅର୍ଜ୍ଜୁନବିନ୍ଧା ଗ୍ରାମର କବି ଅନାଦି ଚରଣ ମହାନ୍ତିଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଉମାକାନ୍ତ ମିଶ୍ର ପୌରୋହିତ୍ୟ କରିଥିଲେ। କବି ରବି କୁମାର ମହାନ୍ତିଙ୍କ ସଞ୍ଚାଳନାରେ କବି ମଥୁରା ମୋହନ ବେହେରା ଓ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ଅତିଥି ଭାବେ ଯୋଗଦେଇ ପଲ୍ଲୀ ଚିତ୍ରକୁ କବିତାରେ ରୂପ ଦେବାରେ ଅନାଦି ସିଦ୍ଧହସ୍ତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ମୃତିପତ୍ର ‘ଅନନ୍ୟ ଅନାଦି’କୁ ଉନ୍ମୋଚନ କରାଯାଇଥିଲା। ଶୀତଳ ବେହେରା, ମୁକ୍ତିକାନ୍ତ ନାୟକ, ଅଧ୍ୟାପିକା ସଂଯୁକ୍ତା ଭାରତୀ, ବିଶ୍ୱମୈତ୍ରୀ ନାୟକ, ସୁଧାକର ଧଳୀ, ବିଭୂତିଭୂଷଣ ସେନାପତି, ଅରୁଣ ପଣ୍ଡା, ଜୟନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ବୋଲବମ୍ ଭକ୍ତଙ୍କ ଆରଡ଼ି ଯାତ୍ରା

**ପଦ୍ମପୁର, ୨୮।୭ (ଡି.ଏନ.ଏ.)**



ପଦ୍ମପୁର କାଉଡ଼ିଆଙ୍କ ଶୋଭାଯାତ୍ରା।

ବାସୁଦେବପୁର ବ୍ଲକ ପଦ୍ମପୁର ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ବୋଲବମ୍ ଭକ୍ତ ରବିବାର ପୂର୍ବାହ୍ନରେ ଭଦ୍ରକର ପ୍ରସିଦ୍ଧ ଆରଡ଼ିଠାରେ ମହାଦେବଙ୍କ ନିକଟରେ ଜଳଲାଗି ପାଇଁ ଯାତ୍ରା କରିଛନ୍ତି। ଭକ୍ତମାନେ ରବିବାର କଞ୍ଚୁଡି ନଦୀରୁ ଜଳ ନେଇ ପାରମ୍ପାରିକ ରୀତିନୀତି ଅନୁଯାୟୀ ମା’ କନକ ଦୁର୍ଗାଙ୍କ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରି ଯାତ୍ରା ଆରମ୍ଭ କରିଥିଲେ। ସେମାନେ ପଦ୍ମପୁରରୁ ପଦଯାତ୍ରାରେ ତିହିଡ଼ି ଦେଇ ଆରଡ଼ିଠାରେ ପହଞ୍ଚି ସୋମବାର ପ୍ରତ୍ୟୁଷରେ ପୂଜାର୍ଚ୍ଚନା କରିବେ। ଭକ୍ତମାନଙ୍କ ସହାୟତା ଲାଗି ପଦ୍ମପୁର କାଉଡ଼ିଆ ସଂଘର କର୍ମକର୍ତ୍ତା ସୁବାସ ନାୟକ, ଗଣେଶ ବାରିକ, ପ୍ରକାଶ ଦାସ, ରାକେଶ ଦାସ, ପପୁ ଦଳେଇ, ଯୋଗେନ୍ଦ୍ର ନାୟକ, ରାଜେନ୍ଦ୍ର ନାୟକ, ପଲ୍ଲଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାଉଡ଼ିଆ ସଂଘର ସମସ୍ତ ଭକ୍ତଙ୍କ ପାଇଁ ମା’ କନକଦୁର୍ଗା ଆଶାର ଆଲୋକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଖିରୁଡି ଓ ଟଙ୍କ ତୋରାଣି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ମନୋଜ ରାୟ, ଭରତ ସାହୁ, ଅମୂଲ୍ୟ ନାୟକ, ଗୌରଗୋପାଳ ଜେନା, ପ୍ରେମାନନ୍ଦ ନାୟକ, ପ୍ରଶାନ୍ତ ନାୟକ, କାଳିଆ ଜେନା, ଅଜିତ ନାୟକ ପ୍ରମୁଖ ଭକ୍ତମାନଙ୍କ ସେବାରେ ନିୟୋଜିତ ଥିଲେ।

## ସାହିତ୍ୟିକ ବିଭୂତିଙ୍କୁ ‘ଶଚୀଦେବୀ’ ସମ୍ମାନ



ସାହିତ୍ୟିକ ବିଭୂତିଙ୍କୁ ସମ୍ମାନ ପ୍ରଦାନ କରାଯାଉଛି।

**ତିହିଡ଼ି, ୨୮।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ଗ୍ରାମର ସାହିତ୍ୟିକ ବିଭୂତି ଭୂଷଣ ସେନାପତିଙ୍କୁ ଶନିବାର ‘ଶଚୀଦେବୀ’ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଶିଳାଶ୍ରୀ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି ଏବଂ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ମନୋହର ରାନ୍ଧାରୀ, ବିଧାୟକ ପ୍ରକାଶ ମାଝି, ଅନୁବାଦିକା ଶକୁନ୍ତଳା ବଳିୟାରସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସମାଜସେବୀଙ୍କ ପରଲୋକ

**ବନ୍ତ, ୨୮।୭ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ବ୍ୟବସାୟୀ ଚକ୍ରଧର ତ୍ରିପାଠୀ (୫୬)ଙ୍କର ଶନିବାର ପରଲୋକ ହୋଇଯାଇଛି। ଗତ ବୁଧବାର ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ପରିସ୍ରା ବନ୍ଦ ହୋଇଯିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ସନ୍ଧ୍ୟାରେ ଆଗରପଡ଼ାସ୍ଥିତ ଐତିହାସିକ ଗାନ୍ଧୀ କର୍ମମନ୍ଦିର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓକିଲ ମନୋଜ ରାୟ, ଟିଙ୍କିରା ଆଇଡିଆଲ ୟୁଥ କ୍ଲବ ସଭାପତି ମନ୍ମଥ ଦାସ, ସରପଞ୍ଚ ସତ୍ୟବାନ ଦାସ, ଟୁଟୁ ଆଇଚ, ଉଲ୍ଲାସ ବାରିକ, ସୁଶାନ୍ତ ଶତପଥୀ, ଗୋପାଳକୃଷ୍ଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ‘ଆଧ୍ୟାତ୍ମିକ ବିନା ବିଜ୍ଞାନ ବିନାଶର କାରଣ ହୋଇଥାଏ’




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୮।୭**

ଭଦ୍ରକ ଗାନ୍ଧୀପଡ଼ିଆସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଉପସଭାପତି ତଥା ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଯୋଗଦେଇ ଶିଶୁମାନଙ୍କୁ ବିଜ୍ଞାନ ପ୍ରତି ରୁଚି ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ବିଜ୍ଞାନଯୁକ୍ତ ଆଧ୍ୟାତ୍ମିକ ହିଁ ବିଜ୍ଞାନ। ଆଧ୍ୟାତ୍ମିକ ବିନା ବିଜ୍ଞାନ ବିନାଶର କାରଣ। ଏହି ଅବସରରେ ବିଭିନ୍ନ ବିଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା। ଆଚାର୍ଯ୍ୟ ରମାକାନ୍ତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭାଗବତ ମହାଳିକଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ନୀହାର ରଞ୍ଜନ କର ଯୋଗଦେଇ ବିଜ୍ଞାନ ମେଳାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧକ୍ଷ ଇଂ. ଅମିତ କୁମାର ମଲ୍ଲିକ ମୁଖ୍ୟବକ୍ତା, ଶିକ୍ଷା ବିକାଶ ସମିତି, ଓଡ଼ିଶା ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ରତିକାନ୍ତ ଆଚାର୍ଯ୍ୟ ଓ ପୂର୍ବତନ ପ୍ରଶାସିକା ସୁନନ୍ଦା ପାଢ଼ୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆଚାର୍ଯ୍ୟା ଜୟଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଗକୁ ସମବାୟ ସମିତି ନିର୍ବାଚନ

## ଏବେଠୁ ଘର ଘର ବୁଲିଲେଣି ଆଶାୟୀ

**ବନ୍ତ, ୨୮।୭ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ସମିତି ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହୋଇନାହିଁ। ଆଗାମୀ ୬ ମାସ ପରେ ଏହି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ସମବାୟ ସମିତିରେ ଆଶାୟୀମାନେ ଘର ଘର ବୁଲି ନିଜ ସପକ୍ଷରେ ସମର୍ଥନ ଓ ସଭ୍ୟ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ପୁରୁଣା ନିୟମ ଅନୁଯାୟୀ ସମବାୟ ସମିତିରେ ଜଣେ ସଭ୍ୟ ହେବାକୁ ହେଲେ ସାଧାରଣ ବର୍ଗଙ୍କ ପାଇଁ ୫ ଶହ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଶହେ ଟଙ୍କା ଜମା କରିବାକୁ ପଡ଼ିଥାଏ। ସେହି ଅନୁଯାୟୀ ବିଭିନ୍ନ ଦଳର ଆଶାୟୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ନୂଆ ସଭ୍ୟ କରୁଥିବା ନେଇ ଚର୍ଚ୍ଚା ହେଉଛି। ଉଲ୍ଲେଖନୀୟ ଯେ, ରାଜ୍ୟ ସରକାରଙ୍କ ସମବାୟ ନିୟମ ଅନୁଯାୟୀ ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ହୋଇ ବୋର୍ଡ ଗଠିତ ହୋଇଥାଏ। ଗତ ୫ ବର୍ଷ ତଳେ ବିଭିନ୍ନ ସମିତିରେ ଗଠିତ ବୋର୍ଡର କାର୍ଯ୍ୟକାଳ ଆସନ୍ତା ୨୦୨୦ ଫେବୃୟାରୀରେ ଶେଷ ହେବ। ବୋର୍ଡର କାର୍ଯ୍ୟକାଳ ଆହୁରି ୬ ମାସ ଥିବାବେଳେ ଆଗାମୀ ନିର୍ବାଚନ ପାଇଁ ବିଭିନ୍ନ ସମିତିରେ ତତ୍ପରତା ପ୍ରକାଶ ପାଇଛି। ବିବିସିସି ବ୍ୟାଙ୍କର ବନ୍ତ ଶାଖା ଅଧୀନରେ ୮ ଓ ଆଗରପଡ଼ା ଶାଖା ଅଧୀନରେ ୩ଟି ସମିତି ରହିଛି। ଏସବୁ ସମିତିରେ ପୂର୍ବରୁ ସଭ୍ୟ ରହିଥିଲେ ମଧ୍ୟ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଆଶାୟୀ ପ୍ରାର୍ଥୀମାନେ ନୂଆ ସଭ୍ୟ ସଂଗ୍ରହ କରି ଚାଲିଛନ୍ତି। ଅପରପକ୍ଷେ ବୋର୍ଡ ଭାଙ୍ଗିବାର ୬ ମାସ ପରେ ନିର୍ବାଚନ ହେବାର ନିୟମ ରହିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ଏଆର୍‌ସିଏସ୍ ସ୍ୱାଗତିକା ମହାପାତ୍ରଙ୍କୁ ପଚାରିବାରୁ ବର୍ତ୍ତମାନ ନିର୍ବାଚନ ପାଇଁ କୌଣସି ଚିଠି ହୋଇ ନ ଥିବାବେଳେ ଆସନ୍ତା ନଭେମ୍ବର ଓ ଡିସେମ୍ବର ସୁଦ୍ଧା ଜଣାପଡ଼ିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବସ୍ ଚାପାରେ ଯୁବକଙ୍କ ମୃତ୍ୟୁ

କୁଳିଅଣା,୨୮।୭(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ୧୮ନମ୍ବର ଜାତୀୟ ରାଜପଥର କୁଳିଅଣା ବଜାରଠାରେ ବସ୍ ଚକ ତଳେ ଚାପି ହୋଇ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଝାଡପୋଖରୀଆ ଥାନା ଅନ୍ତର୍ଗତ ପକପକା ଗ୍ରାମର ଶଙ୍କର ହେମ୍ବ୍ରମ(୩୫) ବୋଲି ଜଣାପଡିଛି। ଶଙ୍କର ବସ୍‌ରେ ଚଢୁଥିବା ବେଳେ ଗୋଡ ଖସି ଯିବାରୁ ପଛ ଚକ ତଳେ ଚାପି ହୋଇ ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। କୁଳିଅଣା ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

### ପ୍ରତି ସୋମବାରରେ ହେବ ଜନଶୁଣାଣି

ଉଦଳା,୨୮।୭(ଡି.ଏନ.ଏ)- କପ୍ତିପଦା ଉପଖଣ୍ଡ ପାଇଁ ପ୍ରତି ମାସରେ ଗୋଟିଏ ସୋମବାରରେ ମୟୂରଭଞ୍ଜ ଜିଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ବେଳେ ଏଥର ମାସର ୪ଟି ସୋମବାରରେ ଅନୁଷ୍ଠିତ ହେବ । ଶନିବାର ଏକ ଭିଡିଓ କନଫରେନ୍ସ ଜରିଆରେ ଉପଖଣ୍ଡ, ବ୍ଲକସ୍ତରୀୟ ପ୍ରତି ମୁଖ୍ୟ କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟାଳୟ ମୁଖ୍ୟଙ୍କ ଦ୍ୱାରା ଜନଶୁଣାଣି ଶିବିର ଆୟୋଜନ କରାଯିବା ନେଇ ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ଶୁଣାଣି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୧.୩୦ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରତି ସୋମବାର ଏହି ସମୟରେ ବିଭାଗୀୟ ମୁଖ୍ୟମାନେ କୌଣସି କ୍ଷେତ୍ର ପରିଦର୍ଶନ କିମ୍ବା ଗସ୍ତ କାର୍ଯ୍ୟକ୍ରମ ନ ରଖିବାକୁ କୁହାଯାଇଛି । କେବଳ ସେତିକି ନୁହେଁ, ଉକ୍ତ ଶୁଣାଣି ଶିବିରରେ ଯେଉଁ ଅଭିଯୋଗ ଗ୍ରହଣ କରାଯିବ ସେଥିମଧ୍ୟରୁ କେତୋଟିର ସମାଧାନ କରାଯାଇଛି, ସମାଧାନ ପାଇଁ ବିଧି ମୁତାବକ କି ପଦକ୍ଷେପ ନିଆଯାଇଛି କିମ୍ବା ବାଦ୍ ଦିଆଯାଇଛି ସେ ନେଇ ୧୫ ଦିନ ମଧ୍ୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହିତ ନିଜ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଅଭିଯୋଗକାରୀଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯିବ। ଏହି ଉଦ୍ଦେଶ୍ୟରେ ପ୍ରତି କାର୍ଯ୍ୟାଳୟ ମୁଖ୍ୟଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଇ.ଡି ଖୋଲାଯାଇ ନିଜ ଦ୍ୱାରା ଗୃହିତ କିମ୍ବା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରେରିତ ସଂପୃକ୍ତ ବିଭାଗୀୟ ଅଭିଯୋଗଗୁଡିକର ଶୁଣାଣି ଓ ସମାଧାନ ନେଇ ପ୍ରତ୍ୟେକ ତଥ୍ୟର ଆଦାନ ପ୍ରଦାନ କରାଯିବ । ନିୟମିତ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଶୁଣାଣି ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉପଜିଲାପାଳ ଭଗବାନ ବେହେରାଙ୍କ ପରାମର୍ଶକ୍ରମେ ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ କରାଯାଇଛି । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା, ରାସ୍ତାଘାଟ, ଗମନାଗମନ, ଜମିଜମା, ଜଙ୍ଗଲ, ଆଦିବାସୀ ଉନ୍ନୟନ ଆଦି ଯେ କୌଣସି ଅଭିଯୋଗ ବାବଦରେ ଅଭିଯୋଗକାରୀମାନେ ନିଜର ଆବେଦନପତ୍ର ଦାଖଲ କରିପାରିବେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସହର ପରିକ୍ରମା କରି ସହଯୋଗ ଲୋଡ଼ିଲେ ସେବାୟତ

## ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ପାଇଁ ଆଜି ପଦଯାତ୍ରାରେ ଭୁବନେଶ୍ୱର ଯିବେ

ବାରିପଦା ଅଫିସ,୨୮।୭

ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ପ୍ରଦାନ କରିବା ଦାବି ଜିଲା ବ୍ୟାପି ଦାବି ଜୋର ଧରିଛି। ଏହା ସହିତ ପୂର୍ଣ୍ଣ କ୍ଷମତା ପ୍ରାପ୍ତ ସ୍ଥାୟୀ ଦେବୋତ୍ତର ନିର୍ବାହୀ ନିଯୁକ୍ତି, ଦେବୋତ୍ତର ସମ୍ପତ୍ତିର ପୁନରୁଦ୍ଧାର ସହ ସୁରକ୍ଷା, ସେବାୟତମାନେ ପାଇ ଆସୁଥିବା ସର୍ବନିମ୍ନ ମାସିକ ଭତ୍ତାର ବୃଦ୍ଧି ଆଦି ୧୧ଟି ବିଭିନ୍ନ ଦାବି କରିଛନ୍ତି ବାରିପଦା ଜଗନ୍ନାଥ ମନ୍ଦିର ସେବାୟତ ବୃନ୍ଦ। ରବିବାର ଅପରାହ୍ନରେ ସେବାୟତମାନେ ବାରିପଦା ସହର ଓ ବଜାର ବୁଲି ସହରବାସୀଙ୍କ ଠାରୁ ସ୍ୱେଚ୍ଛାକୃତ ଭାବେ ସାହାଯ୍ୟ, ଦାନ ଓ ଦକ୍ଷିଣା ଭିକ୍ଷା କରିଛନ୍ତି। ସୋମବାର ସକାଳ ୮ଟା୩୦ ବେଳେ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିବେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଉପରୋକ୍ତ ଦାବି ଜଣାଇବେ।



ସେବାୟତମାନେ ସହର ପରିକ୍ରମା କରି ସହଯୋଗ ଭିକ୍ଷା କରୁଛନ୍ତି।

ଉଲ୍ଲେଖନୀୟ ଯେ, ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏପ୍ରିଲ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଜଗନ୍ନାଥ ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ଉପରୋକ୍ତ ଦାବିଗୁଡିକ ଲିଖିତ ଭାବେ ଜଣାଇଥିଲେ। ସେତେବେଳେ ନିର୍ବାଚନ ପ୍ରକ୍ରିୟା ଚାଲୁ ରହି ଥିବାରୁ ପରେ ଏ ବିଷୟରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେବାୟତମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଫଳରେ ସେବାୟତମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଗତ ଜୁନ ମାସ ୧୯ ତାରିଖ ପୂର୍ବାହ୍ନ ୭ଟାରେ ମହାପ୍ରଭୁଙ୍କ ମନ୍ଦିର ବେଢ଼ାରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ କରିଥିଲେ । ପରେ ବାରିପଦା ଉପ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ପହଞ୍ଚି ସେବାୟତମାନଙ୍କୁ ବୁଝାସୁଝା କରାଇ ଫେରାଇ ଆଣିଥିଲେ। ଏହାପରେ ଗତ ଜୁନ ୨୯ ତାରିଖରେ ସେବାୟତମାନେ ଭୁବନେଶ୍ୱର ସ୍ଥିତ ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ଦାବିଗୁଡିକ ଶୁଣିବା ସହିତ ପୂରଣ କରିବାକୁ ବିଚାର କରାଯିବ ବୋଲି କହିଥିଲେ। ସେହିପରି ରଥଯାତ୍ରା ସରିବା ପରେ ଜୁଲାଇ ୧୭ ତାରିଖରେ ଭୁନଶ୍ୱେରରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ସେବାୟତ ବୃନ୍ଦ, ମୟୂରଭଞ୍ଜ ଜିଲାପାଳ, ବାରିପଦା ଉପଜିଲାପାଳ ଓ ବିଭିନ୍ନ ଅଧିକାରୀଙ୍କୁ ନେଇ ପୁନର୍ବାର ଏକ ବୈଠକ ଅନୁଷ୍ଠିତ ହୋଇ ଏଥିରେ ସମସ୍ତ ଆଲୋଚନା କରାଯିବା ଏବଂ ଦାବି ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବାରିପଦା ଆସିବେ ବୋଲି ସେବାୟତମାନଙ୍କୁ କହିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ଗତ ୧୭ ତାରିଖରେ ଆଇନ ମନ୍ତ୍ରୀ ଜେନା କୌଣସି ବୈଠକର ଆୟୋଜନ କରି ନ ଥିବାରୁ ପୁନର୍ବାର ସେବାୟତମାନେ ଭୁବନେଶ୍ୱର ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ଅପହୃତା ନାବାଳିକାଙ୍କ ଟେର୍ ପାଉନି ପୋଲିସ

ଖୁଣ୍ଟା,୨୮।୭(ଡି.ଏନ.ଏ.)

ଖୁଣ୍ଟା ଥାନା ଅଞ୍ଚଳର ଜନୈକା ୧୬ ବର୍ଷ ବୟସ୍କା ନାବାଳିକା ଅପହରଣ ଘଟଣାକୁ ୧୧ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ଖୁଣ୍ଟା ପୋଲିସ ବିଫଳ ହୋଇଛି। ଗତ ୧୮ ତାରିଖ ପୂର୍ବାହ୍ନରେ ନାବାଳିକା ଜଣକ ଘରେ ଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିବା ନାବାଳିକାଙ୍କ ବାପା ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ପୋଲିସ ଏକ ମାମଲା (ନଂ. ୮୧/୧୯) ରୁଜୁ କରି ୨୨ ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ନାବାଳିକା ଉଦ୍ଧାର ହୋଇ ନ ଥିବାରୁ ପରିବାର ଲୋକେ ଦୁଶ୍ଚିନ୍ତାରେ ରହିଛନ୍ତି। ଘଟଣା ସମ୍ପର୍କରେ ଆଇଆଇସି ନବକୃଷ୍ଣ ନାଏକଙ୍କୁ ପଚାରିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି କହିଛନ୍ତି।

## ଜବରଦଖଲ ଉଚ୍ଛେଦ ନୋଟିସକୁ ବିରୋଧ

# ଆନ୍ଦୋଳନ ଚେତାବନୀ ଦେଲା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘ

ବାରିପଦା ଅଫିସ,୨୮।୭

ବାରିପଦା ସହର ଦେବେନ୍ଦ୍ରପୁରରେ ବସବାସ କରୁଥିବା ପଟ୍ଟା ବିହୀନ ବାସିନ୍ଦାଙ୍କୁ ଜବରଦଖଲ ସ୍ଥାନରୁ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନ ନୋଟିସ ଜାରି କରିଛି। ଏହାକୁ ପୌରାଞ୍ଚଳ ପଟ୍ଟାବିହୀନ ସଂଘର ସଭାପତି ନନ୍ଦ କୁମାର ମହାପାତ୍ର ଓ ସମ୍ପାଦକ କାହ୍ନୁଚରଣ ବେହେରା ବିରୋଧ କରିଛନ୍ତି। ଅମାନବୀୟ ଭାବେ ପ୍ରଶାସନ ନୋଟିସ କରିଥିବା ସଂଘ ଅଭିଯୋଗ କରିଛି। ଏହା ବିରୋଧରେ ସଂଘ ଆନ୍ଦୋଳନ କରିବ ବୋଲି ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ସଂଘର ଅଭିଯୋଗ ମୁତାବକ ଦେବେନ୍ଦ୍ରପୁରରେ ବହୁ ପଟ୍ଟାବିହୀନ ପରିବାର ଦୀର୍ଘ ୨୦ ବର୍ଷ ହେବ ରହିଆସୁଛନ୍ତି। ସେମାନଙ୍କୁ ହଠାତ ଉଚ୍ଛେଦ କଲେ ସେମାନେ ଅସହାୟ ହୋଇ ପଡିବେ। ଏହି ଲୋକମାନେ ବସବାସ କରୁଥିବା ଜାଗା ୨୦୧୭ ପୂର୍ବରୁ ଆରଡିହ ଜାଗା ଭାବେ ଚିହ୍ନିତ ଥିଲା। ପରେ ଏହା ସରକାରୀ ଖାତାକୁ ଆସିଛି। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ପଟ୍ଟାବିହୀନ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେମାନଙ୍କୁ ପ୍ରଥମେ ଜମି ପଟ୍ଟା ଦିଆଯାଇ ଜମି ଅଧିକାର ପ୍ରଦାନ କରିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମାତ୍ର ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସହରର ଅନେକ ସ୍ଥାନରେ ଆରଡିହ ଜମି ଫାଙ୍କା ପଡିଥିବା ବେଳେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହାକୁ ମାଡି ବସିଛନ୍ତି। ଏପରିସ୍ଥଳେ ବାରିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟର ଓପିପି (ଇୟୁଓ) ମାମଲା ନଂ.-୪/୨୦୧୯ ଅନୁସରଣରେ ପି.ଆର ନଂ.-୨୯ (୨୪।୭।୨୦୧୯)ରେ ଦେବେନ୍ଦ୍ରପୁରରେ ବସବାସ କରୁଥିବା ପଟ୍ଟା ବିହୀନ ପରିବାରଗୁଡ଼ିକୁ ଆସନ୍ତା ୩୦ ତାରିଖରେ ହାଜର ହୋଇ କୈଫିୟତ ଦେବାକୁ ନୋଟିସ କରାଯାଇଛି। ଉତ୍ତର ଠିକ୍ ନ ଦେଇ ପାରିଲେ ଜବରଦଖଲ ଉଚ୍ଛେଦ କରାଯିବ। ଏହି ନୋଟିସ ଓ ଉଚ୍ଛେଦ ପ୍ରସ୍ତାବକୁ ସଂଘ ବିରୋଧ କରିଛି। ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ମହାପାତ୍ର କହିଛନ୍ତି।

# ରୋଗୀଙ୍କୁ ମିଳୁନି ଚିକିତ୍ସା ସେବା

କପ୍ତିପଦା,୨୮।୭(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତରଙ୍କ ଅଭାବ ସାଙ୍ଗକୁ ପରିଚାଳନାଗତ ଅବ୍ୟବସ୍ଥା କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବୁବେଳେ ଚର୍ଚ୍ଚାରେ ରଖି ଆସିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପୋଡ଼ାଡ଼ିହା, ନଛିପୁର, ଶାଳଚୁଆ, କଟୁରିଆ, ଶରତ ଓ କଳମଗଡ଼ିଆରେ ଥିବା ନୂତନ ଓ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ଲାଗି ରହିଛି। ଏସବୁ ଡାକ୍ତରଖାନାରୁ ଡାକ୍ତରଙ୍କୁ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ସତ୍ତ୍ୱେ ଏଠାରେ ଶିଶୁ ରୋଗ ବିଶେଷଜ୍ଞ, ଅସ୍ତ୍ରୋପଚାର, ପ୍ରସୂତି ଓ ଭେଷଜ ବିଶେଷଜ୍ଞ ପଦବୀ ଫାଙ୍କା ପଡିଥିବାରୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସାସେବା ମିଳିପାରୁ ନାହିଁ। ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଦୂରଦୂରାନ୍ତରକୁ ଯାଇ ଚିକିତ୍ସିତ ହେଉଛନ୍ତି।

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ୧୬ ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ ରହିଛି। ଏହି ଅଞ୍ଚଳର ଗରିବ ରୋଗୀମାନେ ଜରୁରୀ ଚିକିତ୍ସା ଲାଗି ଏଠାକୁ ଆସିଥାନ୍ତି। ବିଭିନ୍ନ ୱାର୍ଡରେ ରହୁଥିବା ରୋଗୀଙ୍କୁ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନ ଥିବା ଅଭିଯୋଗ ହେଉଥିଲେ ମଧ୍ୟ ସମସ୍ୟାର ପ୍ରତିକାର କରାଯାଉନାହିଁ । ଅନ୍ତଃବିଭାଗ ରୋଗୀଙ୍କୁ ଖାଦ୍ୟ ଯୋଗାଣ ଲାଗିଆସୁଥିବା ଅନୁଦାନ ବାଟମାରଣା ହେଉଥିବାର ମଧ୍ୟ


ଚିକିତ୍ସାଧୀନ ରୋଗୀ।

- ସମସ୍ୟା ଘେରରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ନାହାନ୍ତି ବିଶେଷଜ୍ଞ ଡାକ୍ତର, ରୋଗୀଙ୍କୁ ମିଳୁନି ରନ୍ଧାଖାଦ୍ୟ
- ନୂତନ ଓ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଅଭିଯୋଗ ହେଉଛି। ବିଭିନ୍ନ ୱାର୍ଡରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ପ୍ରତିଦିନ ଖାଦ୍ୟ ଓ ପାନୀୟ ବାବଦରେ ୫୦ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା ରହିଛି। କିନ୍ତୁ ରୋଷେଇ ଘର ନ ଥିବାରୁ ଦୀର୍ଘଦିନ ହେବ ରୋଗୀଙ୍କୁ ରନ୍ଧା ଖାଦ୍ୟ ଦିଆଯାଉ ନାହିଁ । ରୋଗୀ କଲ୍ୟାଣ ସମିତିର ନିଷ୍ପତ୍ତି ଅନୁସାରେ ରୋଗୀଙ୍କୁ ଏବେ ଶୁଖିଲା ଖାଦ୍ୟ ଦିଆଯାଉଛି । ଗତ ୨୨ ତାରିଖଠାରୁ ଦିନକୁ ଥରେ ୧୦ଟଙ୍କା ମୂଲ୍ୟର ଗୋଟିଏ ଗୋଲ ପାଉଁରୁଟି ଓ ୫ଟଙ୍କା ମୂଲ୍ୟର ଏକ ବିସ୍କୁଟ ପ୍ୟାକେଟ ଦିଆଯାଉଥିବା ଚିକିତ୍ସାଧିନ ରୋଗୀ ମାଇନ ମୁର୍ମୁ, ବାସନ୍ତୀ ମାରାଣ୍ଡି, ଶ୍ରୀତମ ବେହେରା ଓ ସୁବାସିନୀ ବେହେରା କହିଛନ୍ତି। ଏଠାରେ ରୋଷେୟା ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ଦୀର୍ଘ ଦିନ ହେବ ଛୁଟିରେ ଥିବା କୁହାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ସମସ୍ୟା ସମ୍ପର୍କରେ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ବ୍ଲକ୍ ଚେୟାରମ୍ୟାନ୍ ସୁଶିଳା ବାନରାଙ୍କୁ ପଚାରିବାରୁ ସେ କହିଛନ୍ତି ଯଦି ଏପରି ସମସ୍ୟା ହେଉଥାଏ ତେବେ ପରବର୍ତ୍ତୀ ବୈଠକରେ ଏନେଇ ଆଲୋଚନା କରି ସମାଧାନ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ଼. ଉମାକାନ୍ତ ବାସ୍କେଙ୍କୁ ପଚାରିବାରୁ କହିଛନ୍ତି, ରୋଷେୟା ଥିଲେ ବି ରୋଷେଇ ଘର ନ ଥିବାରୁ ରୋଗୀଙ୍କୁ ରନ୍ଧା ଖାଦ୍ୟ ଦିଆ ନ ଯାଇ ଶୁଖିଲା ଖାଦ୍ୟ ଦିଆଯାଉଛି। ଏହି ଖାଦ୍ୟ ଯୋଗାଣରେ ସମସ୍ୟା ହେଉଥିଲେ ସେ ଅନ୍ୱଧାନ କରି ଦେଖିବେ।

# ଜଳଛାୟା ପ୍ରକଳ୍ପ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା,୨୮।୭(ଡି.ଏନ.ଏ)

କପ୍ତିପଦା ବ୍ଲକ୍ ଅଧୀନ କଳମଗଡ଼ିଆ ପଞ୍ଚାୟତରେ ନାବାର୍ଡ଼ ଅନୁଦାନ ଏବଂ ସିକିୟର ସଂଗଠନ ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏକ ଜଳଛାୟା ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ନାବାର୍ଡ଼ର ଜିଲା ପ୍ରବନ୍ଧକ ସ୍ମୃତି ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ କପ୍ତିପଦା ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ବାନରା, ସରପଞ୍ଚ ଶୁଭଲକ୍ଷ୍ମୀ ବଦ୍ରା, ଏପିଓ ମହେନ୍ଦ୍ର ପରମାଣିକ, ବିପିଓ ନିରଞ୍ଜନ ନାୟକ, ଫରେଷ୍ଟର ମନିଷାରାଣୀ ରାୟ, ଦୁଷ୍ମନ୍ତ କୁମାର ଦଣ୍ଡପାଟ, ଉଦ୍ୟାନ ବିଭାଗ ତରଫରୁ ସୋମନାଥ ସିଂ ଏବଂ ଜଗତଜିତ୍ ନାଏକ, ପୂର୍ବତନ ସରପଞ୍ଚ ବୃନ୍ଦାବନ ପଧୁରିଆ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କଳମଗଡ଼ିଆ ଜଳଛାୟା ବିକାଶ କମିଟିର ସଭ୍ୟାଗଣ କମିଟିର ସଂପାଦିକା ବିଳାସୀ ମହାନ୍ତ, ସଭାପତି ମାମିନୀ ପଧୁରିଆଙ୍କ ନେତୃତ୍ୱରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସିକିୟରର କର୍ମୀମାନେ ସହଯୋଗ କରିଥିଲେ। ଶେଷରେ ଯଶୋଦା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଉଦଳା,୨୮।୭(ଡି.ଏନ.ଏ.)

ଉଦଳା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଦୁଇ ବରିଷ୍ଠ ପ୍ରାଧ୍ୟାପକ ମନୋରଞ୍ଜନ ପାଢୀ ଏବଂ କରୁଣାକର ମହାପାତ୍ର ଅବସର ନେବା ପରେ ବିଭାଗ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ବଳ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ନନ୍ଦନ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ହରିଶ ଚନ୍ଦ୍ର ପଣ୍ଡା ବିଦାୟକାଳୀନ ସଭା ତଥା ଦୁଇ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ବିଭାଗ ତଥା ମହାବିଦ୍ୟାଳୟ ନିମନ୍ତେ ସେମାନଙ୍କର ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଦୁଇ ପ୍ରାଧ୍ୟାପକଙ୍କୁ ବିଭାଗ ପକ୍ଷରୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୟୁଥ୍ ରେଡ଼୍‌କ୍ରସ୍ ପକ୍ଷରୁ ବୃକ୍ଷରୋପଣ



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ୟୁଥ୍ ରେଡ଼୍‌କ୍ରସ୍ ସ୍ୱେଚ୍ଛାସେବୀମାନେ।

**କପ୍ତିପଦା,୨୮।୭(ଡି.ଏନ.ଏ)-** କପ୍ତିପଦା ବ୍ଲକ୍ ଅଧୀନ ନୂଆସାହିସ୍ଥିତ କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡ଼ିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡ଼୍‌କ୍ରସ୍ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଚନ୍ଦ୍ରକୁମାର ପଟ୍ଟନାୟକ, ରେଡ଼୍‌କ୍ରସ୍ ଉପଦେଷ୍ଟା ହରମୋହନ ଜେନା, ମହିଳା ରେଡ଼୍‌କ୍ରସ୍ ଉପଦେଷ୍ଟା ମୌନାବତୀ ଦାସ, ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଲିପିକା ବେହେରା, ରେଡ଼୍‌କ୍ରସ୍ ଉପଦେଷ୍ଟା ଚନ୍ଦ୍ରମୋହନ ପରିଡ଼ା, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ୍ ଅଫିସର ସଞ୍ଜୟ କୁମାର ସେନାପତି ଓ ଅଧ୍ୟାପକ ନିହାରରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ୟୁଥ୍ ରେଡ଼୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଉତ୍ତର ଓଡ଼ିଶା ଯୁବ ଓ ଛାତ୍ର ସଂଘର ସମ୍ମିଳନୀ

ବାରିପଦା ଅଫିସ,୨୮।୭

ଉତ୍ତର ଓଡ଼ିଶା ଯୁବ ଓ ଛାତ୍ର ସଂଘର କର୍ମକର୍ତ୍ତାଙ୍କ ଏକ ସମ୍ମିଳନୀ ବାରିପଦା ଅବସରପ୍ରାପ୍ତ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ.ତରୁଣ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଉପଦେଷ୍ଟା ରବିନ୍ଦ୍ର ନାଥ ଦାଶ ଯୋଗଦେଇ ଉତ୍ତର ଓଡ଼ିଶା ଛାତ୍ର ସଂଗଠନର ମୟୂରଭଞ୍ଜରେ କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ମଲିକ ଆଗାମି କାର୍ଯ୍ୟପନ୍ଥା ବିଷୟରେ ଆଲୋକପାତ କରିଥିଲେ। ସଂଘର ସମ୍ପାଦକ ଆକାଶ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଓ ଉପସଭାପତି ଆଲୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଭାବେ ଦୀନେଶ ମହାପାତ୍ର, ନଗର ସମ୍ପାଦକ ଶୁଭମ କୁମାର ସିଟ ଓ ସମୀର ନାଏକ, ନଗର ଉପସଭାପତି ଭାବେ ନିରଞ୍ଜନ ବେହେରା, ନଗର ସଭାପତି ଦେବାଶିଷ ପାଇକରାୟ, ଉପସଭାପତି ଅସିତ କୁମାର ମଲିକ, ରିତ କୁମାର ଷଡଙ୍ଗୀ ଓ ଆଲୋକ କୁମାର ପଣ୍ଡା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହା ସହିତ ଉଦଳା ଉପଖଣ୍ଡ ପାଇଁ ସଭାପତି ଭାବେ ରାକେଶ କୁମାର ପୁହାଣ, ଉପସଭାପତି ପାର୍ଥସାରଥୀ ଜେନା, ସମ୍ପାଦକ ଭାବେ ଚିନ୍ମୟ ପଣ୍ଡା, ବଡସାହି ବ୍ଲକ ପାଇଁ ସଭାପତି ଚନ୍ଦନ ପାତ୍ର, ସାଧାରଣ ସମ୍ପାଦକ ଭାବେ ନରେଶ ବେହେରା ନିର୍ବାଚିତ ହୋଇଛନ୍ତି। ଏହି ସମ୍ମିଳନୀରେ ସମାଜସେବୀ ସୁଧାକର ନାଏକ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା।

# ଉଜୁଡ଼ି ଯାଉଛି ଖଲି ଓ ଦନା ବେପାର

- ପ୍ରସ୍ତାବରେ ଅଟକିଛି ଶାଳପତ୍ର କ୍ଲଷ୍ଟର ଯୋଜନା
- ସଙ୍କଟରେ ଶାଳପତ୍ର ସଂଗ୍ରହକାରୀ ଓ ବ୍ୟବସାୟୀଙ୍କ ଜୀବିକା

ବେତନଟୀ,୨୮।୭(ଡି.ଏନ୍.ଏ.)

ଶାଳପତ୍ର ମୟୂରଭଞ୍ଜ ଜିଲାର ବନବାସୀଙ୍କ ଜୀବନଜୀବିକା ସହ ଓତପ୍ରୋତଃ ଭାବେ ଜଡିତ। ଶିମିଳିପାଳ ଜାତୀୟ ଅଭୟାରଣ୍ୟ ସାଙ୍ଗକୁ ଜିଲାରେ ପ୍ରଚୁର ଶାଳ ଜଙ୍ଗଲ ରହିଛି। ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ବନବାସୀ ତଥା ଆଦିବାସୀ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରିବା ସାଙ୍ଗକୁ ଏଥିରୁ ଖଲି ଓ ଦନା ତିଆରି କରି ନିଜ ପରିବାରକୁ ଦାନା ଯୋଗାଉଥିଲେ। ଜିଲାରେ ଆଖିଦୃଶିଆ ଶିଳ୍ପ ସଂସ୍ଥା ନ ଥିବାରୁ କୃଷକ, ଦିନ ମଜୁରିଆ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ ମଧ୍ୟ ଚାଷ କାର୍ଯ୍ୟ ସରିଯିବା ପରେ ଶାଳପତ୍ର ବ୍ୟବସାୟ କରି ଗୁଜରାଣ ମେଣ୍ଟାଉଥିଲେ। ବିଗତ କିଛି ବର୍ଷ ଧରି ଶାଳପତ୍ର ବ୍ୟବସାୟରେ ମାନ୍ଦାବସ୍ଥା ଜିଲାର ଗରିବ ଲୋକଙ୍କ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ଜଙ୍ଗଲ ସମ୍ପଦର ସୁରକ୍ଷା ନାମରେ ବିଭିନ୍ନ କଟକଣା ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଜିଲାରେ ଶାଳପତ୍ର ବ୍ୟବସାୟ ଏବେ ବୁଡିବାକୁ ବସିଛି। ରାଜ୍ୟ ସରକାର ବେତନଟୀଠାରେ ଏକ ଶାଳପତ୍ର କ୍ଲଷ୍ଟର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ।

କେବଳ ମୟୂରଭଞ୍ଜ ନୁହେଁ ରାଜ୍ୟରେ ଶାଳପତ୍ର ବ୍ୟବସାୟ ବୃଦ୍ଧି କରିବା ସକାଶେ ମୟୂରଭଞ୍ଜ ଜିଲାର ବେତନଟୀ ସମେତ ବାଲେଶ୍ୱର ଜିଲାର ବାଲିଆପାଳ ଓ ଦେବଗଡ ଜିଲାର ବାରକୋଟଠାରେ ଶାଳପତ୍ର ବିକିବା ସକାଶେ କ୍ଲଷ୍ଟର ନିର୍ମାଣ ଲାଗି ସରକାରୀସ୍ତରରେ ଯୋଜନା ହୋଇଥିଲା। ଉତ୍ତର ଓଡିଶା ତଥା ମୟୂରଭଞ୍ଜ ଜିଲାର ଏକ ବାଣିଜ୍ୟ କେନ୍ଦ୍ର ଭାବେ ପୂର୍ବରୁ ମାନ୍ୟତା ପାଇଥିବା ବେତନଟୀରେ କ୍ଲଷ୍ଟର ନିର୍ମାଣ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ବେତନଟୀରେ ଦନା, ଖଲି ଏବଂ ଶାଳପତ୍ର ବ୍ୟବସାୟ ଅଧିକ ହେଉଥିବାରୁ ଏଠାରେ ଭିତ୍ତିଭୂମିର ବିକାଶର ସୁଯୋଗ ରହିଥିଲା। ସମୟକ୍ରମେ ପେପର୍ ପ୍ଲେଟ୍‌ର ବହୁଳ ବ୍ୟବହାର ଦନା ଓ ଶାଳପତ୍ର ବ୍ୟବସାୟରେ ମାନ୍ଦା ଅବସ୍ଥାକୁ ବହୁଗୁଣିତ କରିଛି। ସରକାରୀ ପ୍ରୋତ୍ସାହନ ଅଭାବ ଏଥିରେ ମଧ୍ୟ ଅନ୍ତରାୟ ସାଜିଛି। ପୂର୍ବରୁ ଶାଳପତ୍ର ବ୍ୟବସାୟର ପୁନରୁଦ୍ଧାର ଲାଗି ସରକାର ଏକ ଏନ୍‌ଜିଓ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ଏହି ସଂସ୍ଥା ପକ୍ଷରୁ ୨୦୦୮ ନଭେମ୍ବର ୨୯ ତାରିଖରେ କଟକ ଏବଂ ୨୦୧୪ ଡିସେମ୍ବର ୨୭ ତାରିଖରେ ବେତନଟୀ ବ୍ଲକରେ ଉଚ୍ଚସ୍ତରୀୟ ବୈଠକ କରାଯାଇଥିଲା। ବେତନଟୀ ସଭାରେ ଶାଳପତ୍ର ବ୍ୟବସାୟୀଙ୍କ ସହିତ ତତ୍କାଳୀନ ସ୍ଥାନୀୟ ବିଦ୍ୟୁତ୍ ବିଭାଗ, ବନ ବିଭାଗ ଓ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ସେତେବେଳେ ବେତନଟୀ ବ୍ଲକର ସମସ୍ତ ପଞ୍ଚାୟତରୁ ୮୪ ଜଣ ଶାଳପତ୍ର ଉଦ୍ୟୋଗୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ହେଲେ ଏସବୁ ଉଦ୍ୟମ ପରେ ଫସର ଫାଟିଯାଇଛି। ୧୯୯୫ରୁ ୨୦୦୫ ମସିହା ମଧ୍ୟରେ ଏଠାରେ ଯେଉଁଳି ଶାଳପତ୍ର ବ୍ୟବସାୟର ପ୍ରଗତି ଘଟିଥିଲା, ତାହା ଏବେ ଶତକଡା ୭୦ ଭାଗ କମି ଯାଇଥିବା ଏକ ବେସରକାରୀ ଆକଳନରୁ ଜଣାପଡିଛି। ଏଥିଲାଗି ଜିଲାରେ ବେକାରୀ ସମସ୍ୟା ଉତ୍କଟ ରୂପ ନେଇଛି ବୋଲି ବ୍ୟବସାୟୀ ମନ୍ମଥ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏ ସମ୍ପର୍କରେ ଓପିଏମ୍‌ଡିସିର ମୁଖ୍ୟ ରବୀନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ କହିଛନ୍ତି, ଶାଳପତ୍ର ବ୍ୟବସାୟର ପୁନରୁଦ୍ଧାର ସକାଶେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବେତନଟୀରେ କ୍ଲଷ୍ଟର ନିର୍ମାଣ ହେବା ନେଇ ତାଙ୍କ ପାଖରେ ଅଧିକ ତଥ୍ୟ ନାହିଁ।

## ସଂକ୍ଷେପରେ

### ବସ୍ ଅପେକ୍ଷାରେ ଥିବା ଯାତ୍ରୀଙ୍କଠାରୁ ଲୁଟ୍

**ଢେଙ୍କିକୋଟ, ୨୮।୭(ଡି.ଏନ୍.ଏ.)-** ଢେଙ୍କିକୋଟ ଫାଣ୍ଡି ଅଧୀନ ଢେଙ୍କିକୋଟ ବଜାର ମଧ୍ୟରେ ଶନିବାର ରାତି ଗୋଟାଏ ବେଳେ ବସ ଅପେକ୍ଷାରେ ଥିବା ଯାତ୍ରୀଙ୍କଠାରୁ ଲୁଟ୍ ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ଦୀର୍ଘ ୧୦ ବର୍ଷ ହେଲା ୱେଷ୍ଟବେଙ୍ଗଲ ଇନ୍ଦୁପୁର ଥାନା ବାଙ୍କୁଡ଼ା-ସୀତାପୁର ଗ୍ରାମର ଏସ୍‌କେ ଦିଆଲ ରାଜମିସ୍ତ୍ରୀ ଭାବେ ଢେଙ୍କିକୋଟ ଅଞ୍ଚଳରେ କାମ କରି ଆସୁଛନ୍ତି। ସେ ରାତି ସାଢ଼େ ଗୋଟାଏ ବେଳେ ଯାଉଥିବା ବସରେ ସେ ଘରକୁ ଯିବା ପାଇଁ ବଜାରସ୍ଥିତ ଓଭରବ୍ରିଜ ତଳେ ବର୍ଷା ଯୋଗୁଁ ଛିଡ଼ା ହୋଇଥିଲେ। ମାତ୍ର ସେତେବେଳେ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ବୁଲି ଯାଇଥିଲେ। କିଛି ସମୟ ପରେ ପୁନର୍ବାର ୨ଟି ବାଇକ୍‌ରେ ୪ଦୁର୍ବୃତ୍ତ ଆସି ତାଙ୍କ ପେଟରେ ଧାରୁଆ ଛୁରି ଲଗାଇ ବ୍ୟାଗ ଏବଂ ଟଙ୍କା ମାଗି ମାର୍‌ପିଟ୍ କରିଥିଲେ। ଉଭୟ ପକ୍ଷ ଧସ୍ତାଧସ୍ତି ହେବାପରେ ଦିଆଲଙ୍କ ପକେଟ୍‌ରୁ ୧୦ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଏବଂ ବ୍ୟାଗ୍ ଲୁଟିନେଇ ଦ୍ରୁତଗତିରେ ଚାଲିଯାଇଥିଲେ। ସେ ରବିବାର ସକାଳେ ଢେଙ୍କିକୋଟରେ ଥିବା ସମ୍ପର୍କୀୟଙ୍କୁ ଏ ସମ୍ପର୍କରେ କହିବାରୁ ଅପରାହ୍ନରେ ଢେଙ୍କିକୋଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

### ରୋହିତ ଚୌଧୁରୀଙ୍କ ପରଲୋକ



**କେନ୍ଦୁଝର, ୨୮।୭ (ସ୍ୱ.ପ୍ର.)-** ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ରୋହିତ ଚୌଧୁରୀଙ୍କ ରବିବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ରହି ହୃଦରୋଗ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କର ଦେହାନ୍ତ ଖବର ପାଇ କେନ୍ଦୁଝରରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା। ସେ ଦୀର୍ଘ ବର୍ଷ ହେଲା ରାଜନୀତି ସହିତ ବିଭିନ୍ନ ଶ୍ରମିକ ସଂଗଠନରେ ସମ୍ପୃକ୍ତି ରହି ସେମାନଙ୍କ ଅଧିକାର ପାଇଁ କାମ କରିଆସୁଥିଲେ। ଜନତାଦଳ ସମୟରୁ ରାଜନୀତିରେ ରହି ବିଜୁ ବାବୁଙ୍କ ସହ କାମ କରିବା ସହ କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ ଅଧିକାର ପାଇଁ ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ନେତା ଓ ଲୋକପ୍ରତିନିଧି ତଥା ସ୍ଥାନୀୟ ଲୋକ ଶୋକ ବ୍ୟକ୍ତ କରିଛନ୍ତି।

### ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

**କେନ୍ଦୁଝର, ୨୮।୭(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ଆଇନସେବା ପ୍ରାଧୀକରଣ ସୌଜନ୍ୟରୁ ଓଡିଶା ହାଇକୋର୍ଟ ପ୍ରତିଷ୍ଠା ଦିବସ ଉପଲକ୍ଷେ ବନବିଭାଗ ସହାୟତାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ସଦର ବ୍ଲକର ବଳଭଦ୍ରପୁର ମୁଣ୍ଡାସାହିଠାରେ ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବିଜୟ କୁମାର ମିଶ୍ର ଯୋଗଦେଇ ୧୦ଟିରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିବାବେଳେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଲୋକନାଥ ସାହୁ, ଉପଖଣ୍ଡୀୟ ବିଚାର ବିଭାଗୀୟ ବିଚାରପତି ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ଜିଲା ଜଜ୍‌ଙ୍କ ସହ ବୃକ୍ଷରୋପଣ କରିଥିଲେ। ସେହିଭଳି ଅପରାହ୍ନରେ ପ୍ରବଳ ବର୍ଷା ସତ୍ତ୍ୱେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧୀକରଣର ଅଧକ୍ଷ ବିଜୟ କୁମାର ମିଶ୍ର ଯୋଗଦେଇ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ରାମନାଥ ପଣ୍ଡା ,ସ୍ୱତନ୍ତ୍ର ବିଚାରପତି(ଭିଜିଲାନ୍ସ) ପ୍ରଦ୍ୟୁମ୍ନ କୁମାର ନାୟକ, ପରିବାର ଅଦାଲତ ବିଚାରପତି ମୀନତି କୁମାର ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ଚିରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

# ପୁଣି ଥରିବ କଣ୍ଟିପାଳର କୁଆମରା ହୁଡ଼ି

**ଆନନ୍ଦପୁର, ୨୮।୭(ସ୍ୱ.ପ୍ର.)**



- ବ୍ଲାଷ୍ଟିଂରେ ହେବ ପଥର ଉତ୍ତୋଳନ
- ଜଙ୍ଗଲ ସବୁଜିମା ନଷ୍ଟ ସହ ଲୋପ ପାଇବ ବନ୍ୟଜନ୍ତୁ
- ୧୫ ଗ୍ରାମର ଜନସାଧାରଣ ପ୍ରଭାବିତ

ଆନନ୍ଦପୁର ବ୍ଲକ କଣ୍ଟିପାଳରେ ଥିବା କୁଆମରା ହୁଡିରୁ ପୁଣି ପଥର ଉତ୍ତୋଳନ ଉଦ୍ୟମ ଆରମ୍ଭ ହୋଇଛି। ବର୍ଷକ ତଳୁ କୁଆମରା ହୁଡିରେ ଆବଶ୍ୟକ ମାଇନିଂ ପ୍ଲାନ୍, ପରିବେଶ ମଞ୍ଜୁରି ନଥିବାରୁ ଏଠାରେ ବେଆଇନ୍ ବ୍ଲାଷ୍ଟିଂ ଏବଂ କ୍ରସରକୁ ବନ୍ଦ କରିଦିଆଯାଇଥିଲା। ପୁନର୍ବାର ଏହି ହୁଡିରେ ବ୍ଲାଷ୍ଟିଂ କରାଯାଇ ପଥର ଉତ୍ତୋଳନ କାର୍ଯ୍ୟ କରିବା ଏବଂ କ୍ରସର ବସାଯାଇ ଏହାକୁ ବିଭିନ୍ନ ସାଇଜ୍‌ର ଚିପ୍ସ ବାହାର କରାଯାଇ ବାହାରକୁ ଚାଲାଣ କରାଯିବାର ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ପାଇଁ ସ୍ଥାନୀୟ ବନ ବିଭାଗ ଜରିଆରେ ଆବେଦେନ କରାଯାଇଥିବ କୁହାଯାଉଛି। ଏଭଳି ପଦକ୍ଷେପକୁ ପ୍ରଶାସନ ମଞ୍ଜୁରୀ ଦେଲେ ସ୍ଥାନୀୟ ଅଞ୍ଚଳର ଚାଷ ଜମି ଅନେକାଂଶରେ କ୍ଷତି ଗ୍ରସ୍ତ ହେବା ସହିତ ବ୍ଲାଷ୍ଟିଂ ପ୍ରଭାବରେ ଜନଜୀବନ ହାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଏତଦବ୍ୟତୀତ ସବୁଜିମା ଭରା ଜଙ୍ଗଲ ପରିବେଶ ନଷ୍ଟ ହେବା ସହିତ ବନ୍ୟଜନ୍ତୁ ଲୋପ ପାଇବାର ଆଶଙ୍କା ମଧ୍ୟ ଦେଖାଦେଇଛି।

ପୂର୍ବରୁ ଆନନ୍ଦପୁର ବୈତରଣୀ ବ୍ୟାରେଜ ଡିଭିଜନ ଅଧୀନ ବୈତରଣୀ ବାମପାର୍ଶ୍ୱ କେନାଲ୍ ନିର୍ମାଣ କାର୍ଯ୍ୟ ସମୟରେ ବ୍ୟବହାର ହେବାକୁ ଥିବା ଗ୍ରାନାଇଟ୍ ପଥର ପ୍ରତିବଦଳରେ କମ୍ପାନୀ କର୍ତ୍ତୃପକ୍ଷ କୁଅମରା ହୁଡିରୁ ରଫ୍ ହ୍ୱାଇଟ୍ ସଲ୍‌ଟି ଷ୍ଟୋନ୍ ଉତ୍ତୋଳନ କରି ବ୍ୟବହାର କରିଆସୁଥିଲେ। ଉନ୍ନୟନ କାର୍ଯରେ ବ୍ୟବହାର ହେଉଥିବାରୁ ଆନନ୍ଦପୁର ତହସିଲ ପକ୍ଷରୁ ଟିପ ଜରିଆରେ ଅନୁମତି ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ଅବଧି ପୁରଣ ହେବା ପରେ ମଧ୍ୟ ବେଆଇନ୍ ଭାବେ ବିଳମ୍ବିତ ରାତିରେ ବ୍ଲାଷ୍ଟିଂ କରାଯାଇ ପଥର ଆମଦାନି କରିବା ସହିତ କ୍ରସର୍ ଜରିଆରେ ଚିପ୍ସ କରି ସ୍ଥାନୀୟ ଅଞ୍ଚଳ ସହିତ ପଡୋଶୀ ଜିଲା ଏପରିକି ବାହାର ରାଜ୍ୟକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଚଞ୍ଚକତା କରି ଚଲାଇଆସିଥିଲେ। ଏହ ସମୟରେ ବେଆଇନ୍ ଭାବେ ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରି ବ୍ଲାଷ୍ଟିଂ କରାଯାଉଥିବା ଏବଂ ଏହାର ପ୍ରଭାବରେ ଆଖପାଖ ଦୁଇ ଗୋଟି ପଞ୍ଚାୟତ କାଠକଟା ଓ କଣ୍ଟିପାଳ ପଞ୍ଚାୟତର ପାଖାପାଖି ୧୫ ଗୋଟି ଗ୍ରାମର ଜନସାଧାରଣ ଏଥିରେ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ହୁଡି ସଂଲଗ୍ନ କଣ୍ଟିପାଳ ପଞ୍ଚାୟତର ଚଟୁରୀ ସାହି, ଖିଲାର ସାହି, ବେହେରା ସାହି, କୋହ୍ଲ ସାହି, ରାଇପାଳ ମୁଣ୍ଡା ସାହି ଏବଂ କାଠକଟା ମହାନ୍ତ ସାହିର ବହୁ ଗରୀବ ଚାଷୀ ଭାଇମାନଙ୍କର ଚାଷ ଜମି ସହିତ ଗୋଚର ଜମି ବି ପ୍ରଭାବିତ ହୋଇଥିଲା। ଏଭଳି ଘଟଣା ବାବଦରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆନନ୍ଦପୁର ତହସିଲ ପକ୍ଷରୁ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଇଥିଲା। ପରବର୍ତ୍ତୀ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଏହି ବେଆଇନ୍ କ୍ରସର ୟୁନିଟକୁ ସ୍ଥାନାନ୍ତର କରିଥିଲେ। ପୁନର୍ବାର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ତଳ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ଉଦ୍ୟମ ହେଉଥିବା ଆଲୋଚନାର ମୁଖ୍ୟ ବିଷୟ ସାଜିଛି। ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁଆମରା ହୁଡିରେ ପୁନର୍ବାର କ୍ରସର୍ ୟୁନିଟ୍ ବସାଇବାକୁ ଅନୁମତି ଦେବା ପୂର୍ବରୁ ପ୍ରଶାସନିକ ଅଧିକାରୀମାନେ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଗୁରୁତର ଭାବେ ଚିନ୍ତା କରି ନିଷ୍ପତ୍ତି ନେବା ଜରୁରୀ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




ବିଧାୟକ ଶିଳାନ୍ୟାସ କରୁଛନ୍ତି।

**ଆନନ୍ଦପୁର, ୨୮।୭(ସ୍ୱ.ପ୍ର.)**

ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଦ୍ୱାରା ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ପୌରପରିଷଦର ଜଳ ଯୋଗାଣ ହୋଇ ନ ଥିବା ଅବଶିଷ୍ଟାଂଶକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ୧ କୋଟି ୧୦ ଲକ୍ଷ ୮୬ ହଜାର ଟଙ୍କାର ପ୍ରକଳ୍ପକୁ ଫକୀରପୁରଠାରେ ବିଧାୟକ ଭାଗୀରଥି ସେଠୀ ଶିଳାନ୍ୟାସ କରିଛନ୍ତି। ୧୧ନଂ ୱାର୍ଡ ଫକୀରପୁରର ପେଣ୍ଠ ଠାରୁ ବାଲିପଡା, ବାଲୁଙ୍କେଶ୍ୱର ମନ୍ଦିର ରାସ୍ତାର ନୂତନ ବିଦ୍ୟୁତକରଣ ନିମନ୍ତେ ଏକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସେହିପରି ମହାନଦୀ ବଞ୍ଚାଅ ଅଭିଯାନ କ୍ରମରେ ବୈତରଣୀ ନଦୀ ପାର୍ଶ୍ୱରେ ବ୍ୟାପକ ଚାରୋପଣ କରାଯିବା ନିମନ୍ତେ ଏକ ପ୍ରକଳ୍ପର ଶୁଭାରମ୍ଭ ଟୁକୁଣାଠାରେ କରାଯାଇଛି। ଏହା ସହିତ ଆଗାମୀ ଦିନରେ ବୈତରଣୀ ନଦୀର ଆନନ୍ଦପୁର ରିଙ୍ଗ ରୋଡ ପାର୍ଶ୍ୱରେ ଚାରାରୋପଣ ଏବଂ ଆନନ୍ଦପୁର ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଉଚ୍ଚଶିକ୍ଷାରେ ଅର୍ଥ ବାଧକ

**କେନ୍ଦୁଝର ୨୮।୭ (ସ୍ୱ.ପ୍ର.)**



- ସହାୟତା ଅପେକ୍ଷାରେ ମେଧାବୀ ଆଦିବାସୀ ଛାତ୍ର କୃଷ୍ଣଚନ୍ଦ୍ର

ପରିବାରର ଆର୍ଥିକ ଅନଟନ ଯୋଗୁ ନାନା ସମସ୍ୟା ମଧ୍ୟରେ ପାଠ ପଢୁଥିବା ମେଧାବୀ ତଥା ଭିନ୍ନକ୍ଷମ ଆଦିବାସୀ ଛାତ୍ର କୃଷ୍ଣଚନ୍ଦ୍ର ଦେହୁରି ପରିସ୍ଥିତି ସହ ଲଢେଇ କରି ଚାଲିଛନ୍ତି। ହଦଗଡ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ଏଥର ଯୁକ୍ତ ୨ ପାସ ପରେ ସେ ତରା ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଏଜୁକେସନରେ ୪ ବର୍ଷିଆ ଇଣ୍ଟିଗ୍ରେଟେଡ ପାଠ୍ୟକ୍ରମରେ ନାମ ଲେଖାଇବାକୁ ମନୋନୀତ ହୋଇଛନ୍ତି। ନାମ ଲେଖାଇବା ସକାଶେ ଆବଶ୍ୟକ ପଡୁଛି ୨୨ ହଜାର ୩୭୫ ଟଙ୍କା । ଏହି ଅର୍ଥ ସେ କିପରି ଯୋଗାଡ କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଠିକ ସମୟରେ ଅର୍ଥ ଯୋଗାଡ ହୋଇ ନ ପାରିଲେ ନାମ ଲେଖା ହୋଇ ପାରିବ ନାହିଁ।

କୃଷ୍ଣଚନ୍ଦ୍ରଙ୍କ ଘର ଘଷିପୁରା ବ୍ଲକର ପଞ୍ଚୁଗୋଛିଆ ଗ୍ରାମରେ। ସେ ମାଟ୍ରିକ ପରୀକ୍ଷାରେ ୯୫.୫ ଓ ଯୁକ୍ତ ୨ ରେ ୯୫.୪ ପ୍ରତିଶତ ମାର୍କ ରଖିଥିଲେ। ଜଣେ ମେଧାବୀ ଛାତ୍ର ହୋଇ ମଧ୍ୟ ତାଙ୍କ ଉଚ୍ଚଶିକ୍ଷାରେ ଅର୍ଥ ବାଧକ ସାଜିବା ସଚେତନ ନାଗରିକଙ୍କୁ ଆଲୋଡିତ କରିଛି। ପାଠପଢି ଶିକ୍ଷକତା କଲେ ସେ ପରିବାର ପ୍ରତିପୋଷଣ କରି ପାରିବେ ବୋଲି ଆଶା ରଖିଛନ୍ତି। କୃଷ୍ଣଚନ୍ଦ୍ର କହିଛନ୍ତି, ତାଙ୍କର ଦୃଷ୍ଟି ଶକ୍ତି କମ୍। ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ଏହା ସତ୍ତ୍ୱେ ସେ ପାଠପଢା ପ୍ରତି କେବେ ହେଳା କରି ନାହାନ୍ତି। ୨୦୧୪ରେ ଦୁର୍ଘଟଣାରେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଗଲା। ମା' କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କର ୪ ଭାଇ । ସବୁଠାରୁ ବଡ ଭାଇଙ୍କର ଅକାଳ ବିୟୋଗ ଘଟିବାରୁ ତାଙ୍କ ପତ୍ନୀ ଓ ୩ ପିଲା ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି । ଭାଇମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ତୃତୀୟ। ତାଙ୍କର ଆଉ ଜଣେ ଉପର ଭାଇ ଏବଂ ସବା ସାନ ଭାଇ ମେଧାବୀ। ବଡ ଭାଇ ଟ୍ୟୁଶନ କରି ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ସବା ସାନ ଭାଇ ମାଟ୍ରିକ ପରୀକ୍ଷାରେ ଏଥର ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ପାଇଛନ୍ତି। ସରକାରୀ କଲେଜ ହୋଇଥିବାରୁ କମ୍ ଖର୍ଚ୍ଚରେ ସେ ନାମ ଲେଖାଇ ପାରିଛନ୍ତି। ତେବେ ବିଇଡିରେ ତାଙ୍କର ନାମ ଲେଖା ହୋଇଗଲେ ସେ ଟ୍ୟୁଶନ କରି ଅନ୍ୟ ଖର୍ଚ୍ଚ ତୁଲାଇ ପାରନ୍ତେ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି।

## ଉଠା ଜଳସେଚନ ପ୍ରକଳ୍ପ ମରାମତି ଦାବି

**ବଉଳା, ୨୮।୭ (ଡି.ଏନ.ଏ.)**

ହାଟଡିହୀ ବ୍ଲକ ସୋସୋ ଗ୍ରାମର ସାଳନ୍ଦୀ ନଦୀ କୂଳରେ ଥିବା ଉଠା ଜଳ ସେଚନ ପଏଣ୍ଟଟି ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଉନଥିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଏଣ୍ଟରୁ ପାଣି ଯାଇ ସୋସୋ ଅଞ୍ଚଳର ୩୦ ଏକରରୁ ଉର୍ଦ୍ଧ୍ୱ ହେବ ଜମିରେ ପାଣି ମାଡ଼ିଥାଏ । ଏହାକୁ ନେଇ ଚାଷୀ ରବି ଓ ଖରିଫରେ ଧାନ ଚାଷ କରିଥାଏ । କିନ୍ତୁ ବର୍ଷେ ବିତିଯାଇଥିଲେ ମଧ୍ୟ ପଏଣ୍ଟଟିକୁ ମରାମତି କରାଯାଇନାହିଁ। ଯାହାଫଳରେ ପଏଣ୍ଟଟି ନଷ୍ଟହେବାକୁ ଯାଉଥିବା ବେଳେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ଯାଉଛି। ସେ ଅଞ୍ଚଳଟି ଅଣଜଳସେଚିତ ଅଞ୍ଚଳ । ବର୍ଷାପାଣି ଉପରେ ଧାନ ଚାଷ ନିର୍ଭର କରିବାକୁ ପଡ଼ିଥାଏ । ଲିଫ୍ଟ ପଏଣ୍ଟ ଦ୍ୱାରା ଚାଷୀ ଉପକୃତ ହେଉଥିଲେ ମଧ୍ୟ ପ୍ରଶାସନ ଉକ୍ତ ଜଳସେଚନ ପଏଣ୍ଟଟିକୁ ମରାମତି କରୁ ନ ଥିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି । ଉକ୍ତ ପଏଣ୍ଟଟିକୁ ମରାମତି କରାଯାଇ ଚାଲୁ କରାଗଲେ ୩୦ ଏକରରୁ ଉର୍ଦ୍ଧ୍ୱ ଜମି ଠିକ ଭାବେ ଚାଷ ହୋଇପାରନ୍ତା ବୋଲି ଚାଷୀ ରବୀନ୍ଦ୍ର ରାଉତ, ଗିରିଶ୍ ନାୟକ, ମାୟାଧର ମାଝୀ, ବିପିନ୍ ରାଉତ, ଅଞ୍ଜନ ରାଉତ, ଏସକେ ଅଜମିର, ଏସକେ ମୁନ୍‌ସି, ଅନନ୍ତ ରଣା, ଚନ୍ଦା ମହାନ୍ତିଙ୍କ ସମେତ ଗୋପବନ୍ଧୁ ରାଉତ ପ୍ରମୁଖ ବହୁ ଚାଷୀ ଦାବି କରିଛନ୍ତି ।

## ରାଶନ କାର୍ଡ ବଣ୍ଟନରେ ଅନିୟମିତତା

**ଯୋଡ଼ା, ୨୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହର ତଥା ପୌରପାଳିକାରେ ରାଶନ କାର୍ଡ ପ୍ରଦାନରେ ସରକାରୀ ଅବହେଳା ହେଉଥିବା ନେଇ ଅଭିଯୋଗ ହୋଇଛି। ମାସ ମାସ ଓ ବର୍ଷ ବର୍ଷ ଧରି ରାଶନ କାର୍ଡ ପାଇଁ ଆବେଦନ କରିଥିଲେ ହେଁ ବହୁତ ଗରିବ ଲୋକଙ୍କୁ ଆଜି ପର୍ଯ୍ୟନ୍ତ ରାଶନ କାର୍ଡ ସମ୍ପୃକ୍ତ ବିଭାଗ ପକ୍ଷରୁ ପ୍ରଦାନ କରାଯାଇନାହିଁ । ସହରରେ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିଙ୍କ ନାମରେ ରାଶନ କାର୍ଡ ରହିଥିବା ବେଳେ ପ୍ରକୃତ ଗରିବ ହିତାଧିକାରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଫଳରେ ବହୁ ଗରିବ ଲୋକ ସରକାରଙ୍କ ଖାଦ୍ୟ ଯୋଜନାରୁ ବଞ୍ଚିତ ହେଉଛନ୍ତି।

ଯୋଡା ପୌରପାଳିକାର ୪ନଂ ୱାର୍ଡ ମୁସଲିମ୍ ବସ୍ତିର ଜଣେ ମହିଳା ସମ୍‌ସୁମ୍ ଖାତୁନ୍ ଅଭିଯୋଗ କରିଛନ୍ତି ଯେ, ସେ ଦୀର୍ଘ ଦୁଇ ବର୍ଷ ହେବ ଯୋଡା ପୌରପାଳିକାରେ ରାଶନ କାର୍ଡ ପାଇଁ ଆବେଦନ କରିଥିଲେ । ତାଙ୍କୁ ଆବେଦନ ଫର୍ମ ଗ୍ରହଣର ରଶିଦ୍ ମଧ୍ୟ ମିଳିଛି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ରାଶନ କାର୍ଡ ମିଳିପାରିନାହିଁ । ତାଙ୍କ ସ୍ୱାମୀ ଜଣେ ପାରାଲିସିସ୍ ରୋଗୀ ହୋଇଥିବାରୁ ସେ କୌଣସି କାର୍ଯ୍ୟ କରି ପାରୁ ନାହାନ୍ତି। ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ତାଙ୍କର ତିନି ଝିଅ, ଗୋଟିଏ ପୁଅ ଓ ବାପା, ବୁଢୀ ଜେଜେମା ଅଛନ୍ତି। ପରିବାର ମୁଖ୍ୟଙ୍କର କୌଣସି ରୋଜଗାର କିମ୍ବା ଆୟ ନ ଥିବାରୁ ପରିବାର ପ୍ରତିପୋଷଣ କରିବା ଉକ୍ତ ମହିଳାଙ୍କ ପକ୍ଷେ କଷ୍ଟକର ହୋଇପଡଛି। ସେ ସରକାରଙ୍କର ଖାଦ୍ୟ ଯୋଜନାରେ ତାଲିକାଭୁକ୍ତ ହୋଇ ରାଶନ କାର୍ଡ ଖଣ୍ଡେ ପାଇଲେ ପରିବାରକୁ ଦିଓଳି ଖାଇବା ପାଇଁ ମିଳନ୍ତା ବୋଲି ମହିଳା ଜଣଙ୍କ କୋହଭରା କଣ୍ଠରେ ପ୍ରକାଶ କରିଥିଲେ । ସେହିପରି ୱାର୍ଡର ରଇବାରୀ ମୁଣ୍ଡା, ଆଲନୀ ମୁଣ୍ଡା, ରଇବୁ ମୁଣ୍ଡା ମଧ୍ୟ ରାଶନ କାର୍ଡ ଆବେଦନ କରି ପାଇନାହାନ୍ତି। ଆବେଦନର ରଶିଦ ନେଇ ପୌରପାଳିକାର ଯୋଗାଣ ନିରୀକ୍ଷକଙ୍କ ପାଖକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ସେମାନଙ୍କର ରାଶନ କାର୍ଡ ଆସି ନ ଥିବା କହି ଫେରାଇ ଦେଇଥିଲେ। ଅନ୍ୟପକ୍ଷେ ଯୋଡାସ୍ଥିତ ବିଜୁ ଲେବର ସେଲ୍‌ର ସଭାପତି ହୃଷୀକେଶ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଗରିବ ଲୋକଙ୍କ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ରହିଛି ତେବେ କିଛି ଅସାଧୁ ସରକାରୀ କର୍ମଚାରୀ ପାଇଁ ଏହି ଯୋଜନାର ଫାଇଦା ଗରିବ ଲୋକମାନେ ପାଇପାରୁନାହାନ୍ତି। ସେମାନଙ୍କର ପ୍ରାପ୍ୟକୁ ବାଟମାରଣା କରାଯାଉଛି। ଯୋଡା ପୌରପାଳିକାରେ ଗରିବ ଲୋକମାନେ ରାଶନ କାର୍ଡ ପାଇଁ ଆବେଦନ କରିବା ପରେ ଯୋଗାଣ ନିରୀକ୍ଷକ ରାଶନ କାର୍ଡ ଆଣି ସ୍ଥାନୀୟ ରିଟେଲରମାନଙ୍କ ଜରିଆରେ ରାଶନ କାର୍ଡ ପ୍ରଦାନ କରିଥାନ୍ତି। ଯେଉଁ ଗରିବ ଲୋକମାନେ ରିଟେଲରମାନଙ୍କ ସର୍ତ୍ତରେ ରାଜି ହୋଇଥାନ୍ତି ସେହିମାନଙ୍କୁ ରାଶନ କାର୍ଡ ଦିଆଯାଇଥାଏ। ଏ ସମ୍ପର୍କରେ ଯୋଡା ପୌରପାଳିକା ଯୋଗାଣ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଅସରାଏ ବର୍ଷାରେ ଢେଙ୍କିକୋଟରେ ଆଣ୍ଠୁଏ ପାଣି

**ଢେଙ୍କିକୋଟ, ୨୮।୭(ଡି.ଏନ୍.ଏ.)**

ଜାତୀୟ ରାଜପଥ ୨୦ ନଂ ନବୀକରଣ ପାଣିକୋଇଲିଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଏକ ଠିକ୍ ସଂସ୍ଥା କାର୍ଯ୍ୟ କରୁଥିଲା। ମାତ୍ର ଢେଙ୍କିକୋଟ ବଜାର ମଧ୍ୟଦେଇ ହୋଇଥିବା ଓଭରବ୍ରିଜ୍‌ରେ ସିଙ୍ଗଲ ରାସ୍ତା କରିବା ସହ ଅଧପନ୍ତରିଆ କରି ଗାଡ଼ି ଚଳାଇଥିବାବେଳେ ବଜାରର ଦୁଇ ପାର୍ଶ୍ୱରେ ଥିବା ସର୍ଭିସ୍ ରାସ୍ତା ଆଦୌ ନକରି ଜନସାଧାରଣଙ୍କୁ ଭଣ୍ଡାଇ ଡ୍ରେନ୍ ମଧ୍ୟ ଅଧାପନ୍ତରିଆ କରି ଚାଲିଯାଇଥିବାରୁ ବର୍ତ୍ତମାନ ଅସରାଏ ବର୍ଷା ହେଲେ ମଧ୍ୟ ବଜାର ମଧ୍ୟରେ ସର୍ଭିସ୍‌ରୋଡ଼ରେ ଆଣ୍ଠୁଏ ପାଣି ଜମୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବଜାର ମଧ୍ୟରେ ଥିବା ସର୍ଭିସ ରୋଡ଼ ଏବଂ ଡ୍ରେନ୍‌ଗୁଡ଼ିକ ନିର୍ମାଣ ନ କଲେ ଆଗାମୀ ଦିନରେ ଢେଙ୍କିକୋଟ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବର୍ଷାରେ ସହର ରାସ୍ତା ଉବୁଟୁବୁ



ବାଲିଆଗୁଡା ରାସ୍ତାରେ ଏକ କାର ଫସିଯାଇଛି ।



ପାର୍କ ଲାଇନ ରାସ୍ତାରେ ଗଛ ଉପୁଡି ରାସ୍ତା ବନ୍ଦ।

**କେନ୍ଦୁଝର, ୨୮।୭ (ସ୍ୱ.ପ୍ର.)**



କଲେଜ ରୋଡରେ ଡ୍ରେନ ପାଣି ରାସ୍ତା ଉପରେ।

ଶନିବାର କେନ୍ଦୁଝରରେ ସବୁଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ତେବେ ଜିଲାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ ଅନେକ ଅଞ୍ଚଳରେ କମ୍ ବର୍ଷା ହୋଇଛି। ଏଭଳି ବିକ୍ଷିପ୍ତ ବର୍ଷାକୁ ନେଇ ଚାଷୀ ମାନେ ଚିନ୍ତାରେ ରହିଛନ୍ତି। ରବିବାର ଅପରାହ୍ନରେ ପୁଣି ଦୀର୍ଘ ପ୍ରାୟ ୨ ଘଣ୍ଟା ବର୍ଷା ହେବାରୁ କେନ୍ଦୁଝର ସହର ପାର୍କଲାଇନ ରାସ୍ତାରେ ଏକ ବିରାଟକାୟ ଗଛ ଉପୁଡି ରାସ୍ତା ଉପରେ ପଡିବାରୁ ଯାତାୟାତ ସମ୍ପୂର୍ଣ ବନ୍ଦ ହୋଇଯାଇଥିଲା। ସେହିପରି ବର୍ଷା ଯୋଗୁଁ ଡ୍ରେନରେ ପାଣି ନିଷ୍କାସିତ ହୋଇ ନ ପାରି ଅନେକ ଅଞ୍ଚଳରେ ରାସ୍ତା ଉପରେ ପାଣିର ପ୍ରବାହ ଦେଖିବାକୁ ମିଳିଥିଲା । ଡ୍ରେନ ଅଭାବରୁ ଅନେକ ସ୍ଥାନରେ ଘର ବାଡିରେ ପାଣି ପଶିବାରୁ ଲୋକ ମାନେ ବହୁ ଅସୁବିଧା ଭୋଗୁଛନ୍ତି। ସେହିପରି ଡ୍ରେନ ପାଣି ରାସ୍ତାରେ ଗଡୁଥିବାରୁ ଜେଲ ରୋଡ, କଲେଜ ରୋଡ, ତହସିଲ ଛକ ଆଦି ଅଞ୍ଚଳରେ ରାସ୍ତା ଉପରେ ପାଣି ଜମା ହୋଇ ରହିବା ଫଳରେ ଯାତାୟତ ବ୍ୟାହତ ହୋଇଥିଲା। ଡ୍ରେନର ମଇଳା ଓ ଆବର୍ଜନା ପାଣି ରାସ୍ତାରେ ବୋହି ଓ ଘରବାଡିରେ ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହି କାରଣରୁ ରାସ୍ତା ମଧ୍ୟ ଭାଙ୍ଗୁଥିବାରୁ ବ୍ୟାପକ କ୍ଷତି ଘଟୁଛି । ପୁରୁଣା ବଜାର, ଆଟୋପୁର, ବଡହଳ, ଜଗନ୍ନାଥପୁର, କାଶୀପୁର, ବଳଦେବଜୀଉ କଲୋନୀ, ବ୍ୟାଙ୍କ କଲୋନୀ ଆଦି ଅଞ୍ଚଳରେ ବର୍ଷା ପାଣି ନିଷ୍କାସିତ ହୋଇ ପାରୁ ନ ଥିବାରୁ ଜଳାର୍ଣ୍ଣବ ହୋଇ ପଡିଛି । ବର୍ଷା ଛାଡିବା ପରେ ଧୀରେ ଧୀରେ ଜଳ ନିଷ୍କାସିତ ହୋଇଥିଲେ ହେଁ କ୍ରମାଗତ ବର୍ଷା ଲାଗିରହିଲେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବହୁ ସମସ୍ୟା ସୃଷ୍ଟିହେବ ବୋଲି ମତପ୍ରକାଶ ପାଉଛି । ବର୍ଷା ପୂର୍ବରୁ ସବୁପ୍ରକାରର ପ୍ରସ୍ତୁତି କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗକୁ ତାଗିଦ କରିଥିଲେ ହେଁ ସମାନ୍ୟ ବର୍ଷାରେ ଯେଉଁଭଳି ସମସ୍ୟା ଦେଖାଦେଉଛି ଦେଖିଲେ କିପରି ଆଦେଶ ପାଳନ ହେଉଛି ବେଶ ଜଣାପଡୁଛି ବୋଲି

**ସଂକ୍ଷେପରେ**

## ୬ଶହ ଲିଟର ଚୋରା ମଦ ସହ ପିକ୍‌ଅପ୍ ଜବତ: ୨ ବେପାରୀ ଗିରଫ



**ବାହାନଗା, ୨୮।୭(ଡି.ଏନ.ଏ.):** ବାଲେଶ୍ୱର ମୋବାଇଲ ଅବକାରୀ ସ୍କ୍ୱାଡ୍ ପକ୍ଷରୁ ବାହାନଗା ବ୍ଲକ ବେଗୁନିଆସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ କଡରୁ ଏକ ପିକଅପ୍ ଭ୍ୟାନରୁ ୬ଶହ ଲିଟର ଦେଶୀ ଚୋରା ମଦ ଜବତ କରାଯିବା ସହିତ ବ୍ୟବହୃତ ହୋଇଥିବା ଭ୍ୟାନକୁ ଜବତ କରାଯାଇଛି। ଏହାସହିତ ୨ ଜଣ ଚୋରା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୮୩/୨୦୧୯) ରୁଜୁ କରାଯାଇଛି। ବାଲେଶ୍ୱର ଜିଲାପାଳ ଓ ଅବକାରୀ ବିଭାଗ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାର ଅବକାରୀ ମୋବାଇଲ ସ୍କ୍ୱାଡ୍ ଗଠନ କରାଯାଇ ବିଭିନ୍ନ ସ୍ଥାନ ଉପରେ ଚଢାଉ କରାଯାଉଛି। ବାହାନଗା ବ୍ଲକ ବେଗୁନିଆସ୍ଥିତ ୧୬ନମ୍ବର ଜାତୀୟ ରାଜପଥ କଡରେ ଏକ ପିକ୍‌ଅପ ଭ୍ୟାନ (ନଂ.ଓଡି-୦୧-ଏସ ୪୭୨୨)ରେ ୬ଶହ ଲିଟର ଚୋରା ଦେଶୀ ମଦ ଭର୍ତ୍ତୀ ହୋଇ ବିକ୍ରି ପାଇଁ ଥିଲା। କୌଣସି ସୂତ୍ରରୁ ଖବରପାଇ ଅଧିକାରୀମାନେ ଚଢାଉ କରିଥିଲେ। ତେବେ ଗାଡି ଚାଳକ ସହଦେବଖୁଣ୍ଟା ଥାନା ଆଜ୍‌ମାବାଦର ପ୍ରତାପ କୁମାର ମହାନ୍ତି(୪୫) ଓ ମଦବେପାରୀ ସେହି ଅଞ୍ଚଳର ରମାକାନ୍ତ ଦାସ(୪୩) ଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧିକାରୀ ଉଦେଲାଲ ନାୟକଙ୍କ ନେତୃତ୍ୱରେ ଏଏସ୍‌ଆଇ ଚନ୍ଦ୍ରମୋହନ ସେଠୀ, ଭାସ୍କର ବେହେରା, ଜୟନ୍ତୀ ଆଚାର୍ଯ୍ୟ, ଏସ୍.କେ.କଲିମ୍, ପ୍ରହଲ୍ଲାଦ ବିଶ୍ୱାଳ, ଅଞ୍ଜନ କୁମାର ଯେନା, ହୃଷିକେଶ ବାରିକ୍, ଉର୍ମିଳା ବେହେରା ଓ ବାପି ରାଉତ ପ୍ରମୁଖ ଅଧିକାରୀ ଓ ଅବକାରୀ କର୍ମଚାରୀମାନେ ଚଢାଉରେ ସାମିଲ ଥିଲେ।

# ଡେଥଜୋନ ପାଲଟିଛି ବାମପଦା ଛକ

- ପୋଲ ନିର୍ମାଣ ଦାବି କଲା ସୁରକ୍ଷା ମଞ୍ଚ
- କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ରେମୁଣା,୨୮।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ଶିଳ୍ପାଞ୍ଚଳ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ବାମପଦା ଛକରେ ବାରମ୍ବାର ଦୁର୍ଘଟଣା ଘଟି ଏକ ଡେଥ ଜୋନ୍‌ରେ ପରିଣତ ହୋଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ଏଠାରେ ଏକ ପୋଲ ନିର୍ମାଣ ଲାଗି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିକଟରେ ଦାବି କରାଯାଇଛି। ଜାତୀୟ ରାଜପଥକୁ ଭାଗ କରୁଥିବା ଲେଭଲକ୍ରସିଂ ସ୍ଥାନରେ ପୋଲ ନିର୍ମାଣ କରାଗଲେ ସ୍ଥାନୀୟ ଲୋକ, ରେମୁଣାବାସୀ ତଥା ଯାତାୟାତ କରୁଥିବା ଲୋକେ ଉପକୃତ ହୁଅନ୍ତେ ବୋଲି ଦାବି କରାଯାଇଛି।

ଶେରଗଡରୁ ଶାଳବଣି ପର୍ଯ୍ୟନ୍ତ ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ରାସ୍ତା ଅସୁରକ୍ଷିତ ହୋଇପଡ଼ିଛି। ରାସ୍ତା ସାରା ଖାଲ ଖମା ହୋଇଯାଇଥିବାରୁ ତାହା ଉପରେ ଯାତାୟାତ ବିପଦ ଜନକ ହୋଇପଡ଼ିଛି। ରାଜପଥ ସଂଲଗ୍ନ ଅଞ୍ଚଳରେ ୧୦ ଏକର ପରିମିତ ସ୍ଥାନରେ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ରାଜପଥ ପ୍ରାଧିକରଣ ବିଭାଗର ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମରେ ତାହା କରାଯିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଫଳରେ ରାଜସ୍ୱ ବୃଦ୍ଧି ସାଙ୍ଗକୁ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଆନ୍ତା। ରେମୁଣା ଗୋଲେଇ ଅଞ୍ଚଳରେ ରାତ୍ରିକାଳୀନ ଯାତାୟାତ କରୁଥିବା ଲୋକଙ୍କ ପାଇଁ ଜାତୀୟ ରାଜପଥ ଉପରକୁ ଉଠିବା ଲାଗି ବ୍ୟବସ୍ଥା କରାଯିବା ଓ ରେମୁଣା ଗୋଲେଇ ନିକଟରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ଏକ ଶୌଚାଳୟ ନିର୍ମାଣ ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଛି। ଗୁରୁବାର ଓଡ଼ଶା ଭବନରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟରେ ଭେଟି ତାଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ଦାସଙ୍କ ସହିତ ବାମପଦା ସୁରକ୍ଷା ମଞ୍ଚ ସଭାପତି ବିଶ୍ୱଜିତ୍ ଘୋଷ, ଭାଜପା ରାଜ୍ୟ ସମ୍ପାଦକ ଶୋଭନା ମହାନ୍ତି ଏବଂ ବରିଷ୍ଠ ନେତା ପର୍ଶୁରାମ ପରିଡ଼ା ଉପସ୍ଥିତ ଥିଲେ।



ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଧାନଚାଷ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ



ଧାନଚାଷ ସମ୍ବନ୍ଧୀୟ କୃଷକ ସଚେତନତା କାର୍ଯ୍ୟକ୍ରମ।

**ବାଲିଆପାଳ, ୨୮।୭(ସ୍ୱ.ପ୍ର.)**

ଧାନଚାଷ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ରିଲାଏନ୍ସ ଫାଉଣ୍ଡେଶନ ଏବଂ ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଏବଂ ପ୍ରଶିକ୍ଷକ ଭାବେ କେଭିକେର ବରିଷ୍ଠ କୃଷି ବିଜ୍ଞାନୀ ମନୋଜ କୁମାର ଜେନା ଯୋଗଦେଇ ଠିକ୍ ସମୟରେ ଠିକ୍ ସୂଚନା ଚାଷୀମାନଙ୍କ ପାଖରେ ପହଞ୍ଚିଲେ ତାହା ସୁଫଳ ଦେଇଥାଏ। ଏବେ ଧାନଚାଷ କରିବାର ସମୟ ହୋଇଥିବାରୁ ଚାଷରେ ଘାସ ଦମନ ଓ ତାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ସାଙ୍ଗକୁ ଉପଯୁକ୍ତ ସାର ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ଆଲୋଚନା ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଲୋଚନା ସଭାରେ ୪୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ଧାନ ଓ ପରିବା ଚାଷରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ସିଧାସଳଖ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କୃଷି ବିଜ୍ଞାନୀଙ୍କ ସହିତ ଆଲୋଚନା କରିଥିଲେ। କେଭିକେର କୃଷି ବିଜ୍ଞାନୀ ମନୋଜ ଜେନା ଚାଷୀମାନଙ୍କର ସମସ୍ତ ସମସ୍ୟାର ଉପଯୁକ୍ତ ସମାଧାନ ଦୃଶ୍ୟ ଚିତ୍ର ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ଚାଷୀଙ୍କୁ ଠିକ୍ ସୂଚନା ଦେବାରେ ସହାୟକ ହେବା ସହିତ ଚାଷ ସମ୍ପର୍କରେ ନୂତନ ଜ୍ଞାନ ପାଇପାରୁଛନ୍ତି ବୋଲି ଉପସ୍ଥିତ ଚାଷୀମାନେ ପ୍ରକାଶ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେଶନର ଜିଲା ସଂଯୋଜକ ଦିଲ୍ଲୀପ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଔପଦା, ୨୮।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତର ପ୍ରତାପପୁର ଗ୍ରାମର ମାଳତୀ ସେଠୀ (୫୦) ରବିବାର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଶନିବାର ରାତି ପ୍ରାୟ ୧୦ଟା ବେଳେ ଅନ୍ଧାରରେ କ'ଣ ଗୋଟେ କାମୁଡ଼ିଥିବା ମାଳତୀ ପରିବାର ଲୋକଙ୍କୁ କହିଥିଲେ। ସେ ଜନ୍ଦା କାମୁଡ଼ି ଦେଇଥିବ ବୋଲି ଭାବି ନେଇଥିଲେ। ରବିବାର ଭୋର ସମୟରେ ତାଙ୍କ ଶରୀରରେ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ଏହାସହ ତାଙ୍କର ବାନ୍ତି ଓ ମୁଣ୍ଡରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ପ୍ରଥମେ ତାଙ୍କୁ ସୋର ଓ ପରେ ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ପୂର୍ବାହ୍ନ ୯ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଡାକ୍ତର କହିଛନ୍ତି। ମାଳତୀଙ୍କର ୩ ବିବାହିତ କନ୍ୟା ଓ ଏକମାତ୍ର ପୁଅ ଉଚ୍ଚଶିକ୍ଷା କରୁଥିବା ଜଣାପଡ଼ିଛି।

# ବିଭିନ୍ନ ସ୍ଥାନରେ କାର୍ଗିଲ୍ ବିଜୟ ଦିବସ



କାର୍ଗିଲ ବିଜୟ ଦିବସରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ଓ ଛାତ୍ରନେତା।

**ରୂପ୍‌ସା, ୨୮।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ମଣ୍ଡଳ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ନୀଳମଣି ମହାବିଦ୍ୟାଳୟରେ ଶୁକ୍ରବାର କାର୍ଗିଲ ବିଜୟ ଦିବସ ପାଳନ ଓ ସଦସ୍ୟତା ଅଭିଯାନ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଣ୍ଡଳ ସଭାପତି ତପନ କୁମାର ଗିରି, ମଣ୍ଡଳ ମହାପ୍ରଭାରୀ ରଶ୍ମିରଞ୍ଜନ ଜେନା, ସରପଞ୍ଚ ପ୍ରତିନିଧି ଅନ୍ତର୍ଯ୍ୟାମୀ ବେହେରା, ସମିତିସଭ୍ୟା ଅଭୀପ୍ସା ନାୟକ, ଯୁବନେତା ଲୁଲୁ ନାୟକ ପ୍ରମୁଖ ଯୋଗଦେଇ କାର୍ଗିଲ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଦେଶ ରକ୍ଷା ପାଇଁ କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ସେନାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଛାତ୍ରନେତା କାହ୍ନୁଚରଣ ବାରିକ, ଗଣେଶ ପାଢ଼ୀ, ରାକେଶ ପ୍ରଧାନ, ସତ୍ୟପ୍ରାଜ୍ଞ ବେହେରାଙ୍କ ସମେତ ଭାଜପା ନେତା ସଞ୍ଜୟ ପ୍ରଧାନ, ବିନୋଦ ମାଝି, ଜନ୍ମେଜୟ ପରିଡ଼ା ପ୍ରମୁଖ ଯୋଗଦେଇ ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

**ବାହାନଗା,(ଡି.ଏନ.ଏ.):** ବାହାନଗା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପରିସରରେ





କାର୍ଗିଲ ବିଜୟ ଦିବସ ଉପରେ ଜଣେ ଛାତ୍ର ବକ୍ତବ୍ୟ ଦେଉଛନ୍ତି।

ଶୁକ୍ରବାର କାର୍ଗିଲ୍ ବିଜୟ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ବିଭାଗ ତରଫରୁ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅଧ୍ୟକ୍ଷ ବିନୋଦ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ମହେଶ୍ୱର ଉପାଧ୍ୟାୟ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ପଣ୍ଡା, ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ସମେତ ଓଡିଆ ଅଧ୍ୟାପିକା ସବିତା ଦାସ, ସ୍ନେହାଞ୍ଜଳି ଦାସ, ତାପସ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କାର୍ଗିଲ୍ ଯୁଦ୍ଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଇତିଶ୍ରୀ ସବିତା ବେହେରା, ଅଧ୍ୟାପକ ଉପାଧ୍ୟାୟ ପରିଚାଳନା କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ସମେତ ଶୋଭାଯାତ୍ରା ଓ ପୋଷ୍ଟର ଶୋ' ଆଦି କାର୍ଯ୍ୟକ୍ରମଗୁଡ଼ିକୁ ସାମିଲ କରି ଲୋକମାନଙ୍କୁ ସଚେତନ କରାଇବା ପାଇଁ ସଭାରେ ଅଧ୍ୟକ୍ଷ ଘୋଷଣା କରିଥିଲେ। ଅଧ୍ୟାପିକା ଇତିଶ୍ରୀ ସବିତା ବେହେରା ଧନ୍ୟବାଦ ଦେଇଥିଲେ।

**ବସ୍ତା,(ସ୍ୱ.ପ୍ର):** ବସ୍ତା ବ୍ଲକ ରୋଡ଼ସ୍ଥିତ ସେଣ୍ଟ ଜାଭିୟର ଇଂଲିଶ ମିଡିୟମ ସ୍କୁଲ ପରିସରରେ ଶୁକ୍ରବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ବୀଣାପାଣି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ରବୀନ୍ଦ୍ର କୁମାର ଜୈନ, ମୁଖ୍ୟବକ୍ତା ଭାବେ ଆରପି କମ୍ପ୍ୟୁଟରର ଅଧ୍ୟକ୍ଷ ବସନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ଗୁପ୍ତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କାର୍ଗିଲ ବିଜୟର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ବୀର ସୈନିକଙ୍କ ସ୍ମୃତିଚାରଣ କରାଯିବା ସହ ଦୀପଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଜାତା ସାହୁ, ସମର୍ପିତା ବେହେରା, ନମିତା ସାହୁ, ଶିକ୍ଷକ ରାଜେଶ ମାନ୍ନା, ଜୟଦେବ ଜେନା ଓ ଗୀତାଞ୍ଜଳି ସିଂ ପ୍ରମୁଖ ପରିଚାଳନା କରିଥିଲେ।

**ଜଳେଶ୍ୱର,(ଡି.ଏନ.ଏ.):** ଜଳେଶ୍ୱର ଭାଜପା ଯୁବମୋର୍ଚ୍ଚା ତରଫରୁ ଶୁକ୍ରବାର ଦୀନକୃଷ୍ଣ ଓ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ କାରଗିଲ ବିଜୟ ଦିବସର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଓ ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଘୋଷ ଉପସ୍ଥିତ ରହି କାରଗିଲ ଯୁଦ୍ଧରେ ନିଜ ପରାକ୍ରମ ପ୍ରଦର୍ଶନ କରି ଭାରତକୁ ବିଜୟ କରିଥିବା ଶହୀଦମାନଙ୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଭାଜପା ଯୁବମୋର୍ଚ୍ଚାର ରବୀନ୍ଦ୍ର କୁମାର ପାତ୍ର, ମାନସ ପାଠୀ, ଫାଲଗୁନୀ ପାଣିଗ୍ରାହୀ, ସପନ ବେହେରା, ସୁବ୍ରତ ଘୋଷ, ଅଞ୍ଜନ ଦାସ, ମିଟୁ ଜେନା, ଉମାକାନ୍ତ ପ୍ରଧାନ, ସିଲୁ, ପଙ୍କଜ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସେପ୍ଟେମ୍ବର ୯, ୧୦ରେ ଶହୀଦ ବାଘାଯତୀନଙ୍କ ସ୍ମୃତି ଦିବସ

**ବାଲେଶ୍ୱର ଅଫିସ, ୨୮।୭:** ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷ 'ସଦ୍‌ଭାବନା ସଭାଗୃହ'ରେ ରବିବାର ଶହୀଦ ବାଘା ଯତୀନଙ୍କ ୧୦୪ତମ ସ୍ମୃତି ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ସେପ୍ଟେମ୍ବର ୯ ଓ ୧୦ତାରିଖରେ ପାଳିତ ହେବାକୁ ଶହୀଦ ବାଘାଯତୀନଙ୍କ ୧୦୪ତମ ସ୍ମୃତି ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ମୁଖ୍ୟତଃ ପଶ୍ଚିମବଙ୍ଗରୁ ଆସୁଥିବା ରକ୍ତତୀର୍ଥ ଯାତ୍ରୀଙ୍କ ବାଲେଶ୍ୱର ଯାତ୍ରା ଓ ରହଣିର ସୁବ୍ୟବସ୍ଥା କରିବା, କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ବିଭିନ୍ନ ପ୍ରତିମୂର୍ତ୍ତିକୁ ରଙ୍ଗଦେବା ସହ ସେଥିରେ ମାଲ୍ୟାର୍ପଣ କରିବା, ରାସ୍ତା ମରାମତି ଓ ପରିଷ୍କାର ପରିଚ୍ଛନ୍ନ କରିବା, ଜାତୀୟ ରାଜପଥରୁ ଚଷାଖଣ୍ଡ ପର୍ଯ୍ୟନ୍ତ ରାସ୍ତାର ମରାମତି କରିବା, ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଚଷାଖଣ୍ଡଠାରେ ହେବାକୁ ଥିବା ସାଧାରଣ ସଭାର ଆୟୋଜନ ନିମନ୍ତେ ସମସ୍ତ ବ୍ୟବସ୍ଥା କରିବା ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

# ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ

**ରେମୁଣା, ୨୮।୭(ଡି.ଏନ.ଏ.)**

ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ପଞ୍ଚାୟତସ୍ଥିତ ମଣ୍ଡଗାଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ରଘୁନାଥ ନାଇକ ଉଦ୍‌ଘାଟନ କରିଥିଲେ। ଏଥିରେ ଓସଡ଼ମା ତରଫରୁ କମ୍ୟୁନିଟ୍ ମୋବିଲାଇଜର ଲକ୍ଷ୍ମୀଧର ଗେଡ଼ି ଓ ପ୍ରଶିକ୍ଷକ ଭବାନୀ ଶଙ୍କର ବେହେରା, ଗୋବିନ୍ଦଚନ୍ଦ୍ର ମଲ୍ଲିକ ବନ୍ୟା, ବାତ୍ୟା, ସୁନାମୀ ଆଦି ବିପର୍ଯ୍ୟୟର ପରିଚାଳନା କିପରି କରାଯାଇପାରିବ କହିବା ସହ ବିଭିନ୍ନ ପ୍ରକାର କୌଶଳ ଶିଖାଇଥିଲେ। ଶେଷରେ ଗୋବନ୍ଦ ଚନ୍ଦ୍ର ନୋଡ଼ାଲ ଉପ୍ରା ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା। ଶିକ୍ଷକ ବିଶ୍ୱନାଥ ପ୍ରଧାନ ଓ ଉମାକାନ୍ତ ବେହେରା ଉପସ୍ଥିତ ଥିଲେ। ଏହାକୁ ବାତ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ଶଶିକାନ୍ତ ବାରିକ ଆୟୋଜନ କରିଥିଲେ। ନ୍‌ପ୍ରଶିକ୍ଷଣ ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଯୁବତୀ ଓ ଯୁବକ ଅଂଶଗ୍ରହଣ କରିଥିଲେ।



ଶିବିରରେ ବିପର୍ଯ୍ୟୟ ମୁକାବିଲା ଉପରେ ତାଲିମ ଦିଆଯାଉଛି।



ଲୋକାର୍ପଣ ଉତ୍ସବରେ ଅତିଥି।

# 'ନୀଳ ଉପତ୍ୟକା' ଲୋକାର୍ପିତ

**ବାଲେଶ୍ୱର ଅଫିସ, ୨୮।୭**

ବାଲେଶ୍ୱର ଭାସ୍କରଗଞ୍ଜସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ରବିବାର ଭାସ୍କର ଅଗସ୍ତିଙ୍କ ଜୀବନୀ ଉପରେ ଲିଖିତ 'ନୀଳ ଉପତ୍ୟକା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲେଖକ ଅଗସ୍ତିଙ୍କ ଜୀବନୀ ଏହି ପୁସ୍ତକର ବିଷୟବସ୍ତୁ, ଜନ୍ମିତ ସ୍ଥାନ ବାଲେଶ୍ୱର ଜିଲା ଅଭଣା ଗ୍ରାମର ଦେବାଦେବୀ, ପର୍ବପର୍ବାଣି, ଶିକ୍ଷାନୁଷ୍ଠାନ ଓ ଚାଲିଚଳଣ ଉପରେ ଆଲୋକପାତ କରି ଉପାନ୍ତ ଅଞ୍ଚଳର ଏହି ଗ୍ରାମର ଉନ୍ନତିର ବାର୍ତ୍ତା ଲେଖକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି।

ସଭାରେ ପ୍ରକାଶକ କାଳୀପଦ ପଣ୍ଡା ସଭାପତିତ୍ୱ କରିଥିଲେ। ଲେଖକଙ୍କ ଜାମାତା ବିମଳେନ୍ଦୁ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଡ. ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଆତ୍ମଜୀବନୀ ହେଲେ ମଧ୍ୟ ଉପନ୍ୟାସଧର୍ମୀ। ପାଠକ ଅଧ୍ୟୟନ କଲାବେଳେ ଆନନ୍ଦ ପାଇବେ ଏହା ଏକ ଭିନ୍ନ ସ୍ୱାଦର ଆତ୍ମଜୀବନୀ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ. ରମାକାନ୍ତ ସିଂହ ଓ ମୁଖ୍ୟବକ୍ତା ଡ. ଅରବିନ୍ଦ ଗିରି ପୁସ୍ତକର ଉପାଦେୟତା, ଉତ୍କର୍ଷତା ଉପରେ ଆଲୋକପାତ କରିଥିଲେ। ସଭାରେ ଲେଖକଙ୍କର ପରିବାର, ଅଭଣା ଗ୍ରାମବାସୀ ଓ ବାଲେଶ୍ୱରର ସାହିତ୍ୟିକ ଶ୍ରୋତାମାନେ ଯୋଗ ଦେଇଥିଲେ। ପୁସ୍ତକ 'ନୀଳ ଉପତ୍ୟକା'ର ଲେଖକ, ପରିବାରବର୍ଗ ଏହି ଉତ୍ସବକୁ ସର୍ବାଙ୍ଗ ସୁନ୍ଦର କରିଥିଲେ। ଲେଖକଙ୍କ ଶେଷ ବକ୍ତବ୍ୟ ଥିଲା ଏହା ତାଙ୍କର ଅନ୍ତିମ ଅଭିଳାଷ। ଏହି ପରିପ୍ରେକ୍ଷୀରେ ସ୍ୱୟଂପ୍ରଭା ଆଚାର୍ଯ୍ୟଙ୍କ ସଂଯୋଜନାରେ କୁନି କଳାକାର ରାଗେଶ୍ରୀ ଆଚାର୍ଯ୍ୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଡ. ମୁକ୍ତିକାନ୍ତ ତ୍ରିପାଠୀ କୃତଜ୍ଞତା ଅର୍ପଣ କରିଥିଲେ।

## ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ସୋର, ୨୮।୭(ଡି.ଏନ.ଏ.)**

ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଜୁନିୟର କଲେଜ ଯୁବ ରେଡ଼କ୍ରସ୍ ଏବଂ ଏନ୍‌ଏସ୍‌ଏସ୍ ତରଫରୁ ଗତ ଗୁରୁବାର ଏବଂ ଶୁକ୍ରବାର ଦୁଇଦିନ ଧରି ପରିବେଶ ସୁରକ୍ଷା ଉପରେ ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ପରାମର୍ଶରେ ଯୁବ ରେଡ଼କ୍ରସ କାଉନ୍‌ସିଲର ଡ.ପୁଣ୍ୟବ୍ରତ ମହାନ୍ତି, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର୍ ଡ.ସମ୍ବିତ ପଳିତା ଏବଂ ଅଧ୍ୟାପକ ପ୍ରମୋଦ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ବହୁ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧ୍ୟକ୍ଷ ବିଶ୍ୱାଳ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ।

# ସମ୍ବର୍ଦ୍ଧିତ ହେବେ ବହୁ ପ୍ରତିଭା

**ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ**

**ବାଲେଶ୍ୱର ଅଫିସ, ୨୮।୭**

ବାଲେଶ୍ୱରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ରବିବାର ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସର୍ବେଶ୍ୱର ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ଚନ୍ଦ୍ର ନିଆଲ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତଥର ପ୍ରତ୍ୟେକ ବ୍ଲକରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରରେ ଅଂଶଗ୍ରହଣ କରିବା ପାଇଁ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଜିଲା ପାଇଁ ଗୌରବ ଆଣିଥିବା ପ୍ରତିଭାମାନଙ୍କୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା।

ଅଗଷ୍ଟ ୧୫ ତାରିଖ ପ୍ରାତଃରେ ରାମଧୁନ୍ ବାଜିବା ଏବଂ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ପ୍ରଭାତଫେରି ଓ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପୂର୍ବାହ୍ନ ୭ଟା ୩୦ମିନିଟ୍ ସୁଦ୍ଧା ଶେଷ ହେବ। ପୂର୍ବାହ୍ନ ୯ଟା ୧୫ମିନିଟ୍ ସମୟରେ ପୋଲିସ ଲାଇନ୍ ପଡ଼ିଆରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସାମୂହିକ ପରେଡ଼ର୍ ଅଭିବାଦନ ଗ୍ରହଣ କରିବେ। ପରେଡ୍ ପରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀଙ୍କ ସମେତ ଜିଲାର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶ୍ରେଣୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ଅତିଥିଙ୍କ ଦ୍ୱାରା ଜିଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟନ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବ। ସ୍ୱାଧୀନତା ଦିବସ ଅବସରରେ ଜିଲା କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ରାଣୀପାଟଣା ସ୍ଥିତ 'ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ'ର ଛାତ୍ରୀଛାତ୍ରମାନଙ୍କୁ ରୋଟାରୀ କ୍ଲବ ଆନୁକୂଲ୍ୟରେ ଓ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ପୌରପାଳିକା ପକ୍ଷରୁ ସୁଷମ ଖାଦ୍ୟ ବିତରଣ କରାଯିବ। ଏହି ଜାତୀୟ ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ଅପରାହ୍ନରେ ଜିଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ପରମିଟ୍ ପଡ଼ିଆରେ ଓ ମହିଳାମାନଙ୍କ ମଧ୍ୟରେ କୌତୁକିଆ ମ୍ୟୁଜିକ ଚେୟାର ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସହରର ପ୍ରମୁଖ ସ୍ଥାନମାନଙ୍କୁ ଆଲୋକମାଳାରେ ସଜ୍ଜିତ କରାଯିବା ସହ ଗାନ୍ଧିସ୍ମୃତି ଭବନ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ, ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଏବଂ ଅନ୍ୟମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜୁଲାଇ ୨୯/୨୦୧୯ Balasore, Monday, July 29/ 2019

# ଲୁଟିନେଲେ ୧୮ ଲକ୍ଷ ଟଙ୍କାର ଗହଣା

■ ଶଟର କାଟିବା ପାଇଁ ବ୍ୟବହୃତ ଗ୍ୟାସ୍ କଟର ଓ ସିଲିଣ୍ଡର ଜବତ

■ ଲୁଟେରାଙ୍କ ଟେର୍ ପାଉନି ପୋଲିସ

ରୂପସା/ ବସ୍ତା, ୨୮।୭ (ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ହଳଦୀପାଳ ବଜାରରେ ଥିବା ଏକ ଜୁଏଲେରୀ ଦୋକାନରୁ ଶନିବାର ରାତିରେ ପ୍ରାୟ ୧୮ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ଗହଣା ଦୋକାନର ଶଟର ଓ ତାଲା ଗ୍ୟାସ କଟରରେ କଟାଯାଇ ଚୋରି ହେବା ସହ ସ୍ଥାନୀୟ ଏକ ଏଟିଏମ୍‌ର ଶଟର କାଟି ଚୋରି ଉଦ୍ୟମ କରାଯାଇଛି। ଏହିପରି ଗୋଟିଏ ପରେ ଗୋଟିଏ ଲୁଟ୍ ଘଟଣା ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି।

ହଳଦୀପାଳ ବଜାରରେ ହେମନ୍ତ କୁମାର କାମିଲାଙ୍କ ସଞ୍ଜନା ଗହଣା ଦୋକାନ ରହିଛି। ରାତିରେ ଦୋକାନ ବନ୍ଦ କରି ମାଲିକ, କର୍ମଚାରୀ ଘରକୁ ଯାଇଥିଲେ। ସକାଳେ ଦୋକାନର ଶଟର ଓ ତାଲା କଟାଯାଇ ଦୋକାନରୁ ୪୦୦ ଗ୍ରାମ୍ ଓଜନର ପ୍ରାୟ ୧୩ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୧୨କେଜି ଓଜନର ପ୍ରାୟ ୫ଲକ୍ଷ ଟଙ୍କାର ରୁପା ଅଳଙ୍କାର ଚୋରି ହୋଇଥିବା ହେମନ୍ତ ଜାଣିବାକୁ ପାଇଥିଲେ। ଏ ନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ରବିବାର ଥାନାରେ ଏକ ମାମଲା (ନଂ. ୨୦୦/୧୯) ରୁଜୁ ହୋଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ବସ୍ତା ଏସ୍‌ଡିପିଓ ରଣଜିତ ପୃଷ୍ଟି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗହଣା ଦୋକାନ ସମ୍ମୁଖରେ ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ଗ୍ୟାସ କଟର ଓ ସିଲିଣ୍ଡରକୁ ପୋଲିସ ଜବତ କରିଛି। ଗହଣା ଦୋକାନକୁ ଲାଗିଥିବା ଇଣ୍ଡିକେସ ଏଟିଏମ୍‌ର ଶଟର କଟାଯାଇଥିଲେ ହେଁ ଚୋରି ଉଦ୍ୟମ ବିଫଳ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଚ୍ୟାଲେଞ୍ଜ କରି ଡକାୟତ, ଲୁଟେରାଙ୍କ ଟାର୍ଗେଟ୍ ସଫଳ ହେଉଥିବାରୁ ଜନଜୀବନ ଅସୁରକ୍ଷିତ ହୋଇପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ଗତ ୧୧ତାରିଖ ଦ୍ୱିପ୍ରହର ସମୟରେ ଷ୍ଟେଟ୍‌ବ୍ୟାଙ୍କ ଶ୍ରୀରାମପୁର ଶାଖାରୁ ୩୨ଲକ୍ଷ ୪୨ହଜାର ଟଙ୍କା ସଶସ୍ତ୍ର ଡକାୟତି ହେବାର ୨୦ଦିନ ମଧ୍ୟରେ ପୁଣି ଏକ ଗହଣା ଦୋକାନରୁ ଲୁଟ୍ ପୋଲିସ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଯାବତ ବ୍ୟାଙ୍କ ଡକାୟତି ଗ୍ୟାଙ୍ଗ୍‌ଙ୍କର କୌଣସି ପତ୍ତା ମିଳିନାହିଁ।



ଲୁଟ୍ ହୋଇଥିବା ଗହଣା ଦୋକାନ।

## ■ ମାଂସ ବେପାରୀଙ୍କୁ ଆକ୍ରମଣ
# ଆଖି ତଡ଼ା ଅବସ୍ଥାରେ ବିଲରୁ ଉଦ୍ଧାର

ବାହାନଗା, ୨୮।୭ (ଡି.ଏନ.ଏ.)

ବାହାନଗା ବ୍ଲକ କସପାଜୟପୁର ଗ୍ରାମର ରତ୍ନାକର ଦାସ ନାମକ ଜଣେ ମାଂସ ବେପାରୀଙ୍କୁ କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଆଖି ତାଡି ଦେବା ସହ ଘର ନିକଟସ୍ଥ ବିଲରେ ଫିଙ୍ଗି ଦେଇଥିଲେ। ରବିବାର ସକାଳେ ପରିବାର ଲୋକ ବିଲରୁ ରକ୍ତାକ୍ତ ଅବସ୍ଥାରେ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରିଛନ୍ତି। ରତ୍ନାକର ଦାସ ଖନ୍ତାପଡା ବଜାରରେ ମାଂସ ଦୋକାନ କରି ବ୍ୟବସାୟ କରନ୍ତି। ସେ ପ୍ରତିଦିନ ଭଳି ଶନିବାର ରାତିରେ ଘରେ ଖାଇବା ପରେ ପିଣ୍ଡାରେ ଶୋଇଥିଲେ । ମାତ୍ର ସକାଳେ ଘରଠୁ କିଛି ଦୂରରେ ଥିବା ଏକ ନିଛାଟିଆ ବିଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଲୋକମାନେ ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ରତ୍ନାକରଙ୍କୁ ଦୁର୍ବୃତ୍ତମାନେ ମାଡ ମାରିବା ସହିତ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କ ଗୋଟିଏ ଆଖିତାଡି ଦେଇ ମୁହଁକୁ କ୍ଷତାକ୍ତ କରିଛନ୍ତି। ଏହାସହ ତାଙ୍କ ମୁଣ୍ଡର କପାଳ ହଣାଯାଇଥିବା ବେଳେ ପଛପଟ ମୁଣ୍ଡକୁ ଦୁଇ ତିନିଟି ସ୍ଥାନରେ ହଣାଯାଇଛି। ତାଙ୍କ ଗୋଡକୁ ଭଙ୍ଗି ଦିଆଯାଇ ମାରଣାସ୍ତ୍ର ଦ୍ୱାରା ହଣାଯାଇଛି । ଆକ୍ରମଣର କାରଣ ଜଣାପଡିନାହିଁ। ଏ ବିଷୟରେ ରତ୍ନାକରଙ୍କ ପରିବାର ତରଫରୁ କୌଣସି ଅଭିଯୋଗ ଖନ୍ତପଡା ଥାନାରେ ହୋଇ ନ ଥିବା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ପ୍ରକାଶ କରିଛନ୍ତି ।

## ■ ୨୦ ଫୁଟ ତଳକୁ ଖସିଲା ଡମ୍ପର
# ଚାପିହୋଇ ଚାଳକଙ୍କ ମୃତ୍ୟୁ


ପୋଲ ଉପରୁ ଖସିପଡିଥିବା ଡମ୍ପର।

ବଡବିଲ, ୨୮।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ସହରାଞ୍ଚଳ ରାଜ୍ୟ ରାଜପଥଦେଇ ଭାରୀଯାନର ଗତିସୀମା ୧୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରିବାକୁ ଫଳକ ଲାଗିଥିଲେହେଁ ତା'ର ପାଳନ ହେଉନଥିବା ଦେଖାଯାଇଛି। ତାର ଜ୍ୱଳନ୍ତ ଉଦାହରଣ ରବିବାର ସକାଳେ ଦେଖିବାକୁ ମିଳିଛି। ବଡବିଲ ୧୦ ନମ୍ବର ରାଜ୍ୟ ରାଜପଥର ଡାକ ବଙ୍ଗଳା ଛକ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ପାଖ ପୋଲରେ ଧକ୍କା ଦେଇ ରବିବାର ସକାଳ ସାଢେ ୫ଟା ବେଳେ ଏକ ଡମ୍ପର ପ୍ରାୟ ୨୦ଫୁଟ୍ ତଳକୁ ଖସି ଓଲଟି ପଡିଥିଲା। ଫଳରେ ଡମ୍ପର ତଳେ ଚାପି ହୋଇ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡଖଣ୍ଡ ରାଜ୍ୟ କୋଟଗଡ ଅଞ୍ଚଳର କାନୁ ପୂର୍ତ୍ତି(୨୬)। ଦୁର୍ଘଟଣା ସମ୍ପର୍କରେ ପୋଲିସକୁ ତୁରନ୍ତ ଖବର ଦିଆଯାଇଥିଲେହେଁ ପ୍ରାୟ ଦେଢ ଘଣ୍ଟା ବିଳମ୍ବରେ ପୋଲିସ ପହଞ୍ଚିଥିଲା। ଏକ କ୍ରେନ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଡମ୍ପର ସହ ଚାଳକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ କରିଛି। ଡମ୍ପର ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନକଲି ବୋଲି ସୂଚନା ମିଳିଛି। ତେବେ ଏ ନେଇ ପୋଲିସର ତଦନ୍ତ ଜାରି ରହିଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ବଡବିଲ ସହରାଞ୍ଚଳ ଦେଇ ଭାରୀଯାନ ଗୁଡିକର ବେଗର ତନଖି କରାଯାଇ ଦ୍ରୁତ ଉପରେ ଅଙ୍କୁଶ ଲଗାଇବା ସହ ଜରିମାନା ଆଦାୟ କରାଗଲେ ସହରାଞ୍ଚଳରେ ଦୁର୍ଘଟଣାକୁ ଏଡାଯାଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ୩୦ରେ ବକେୟା ଧାନ ବିକ୍ରି ଟଙ୍କା ପାଇଁ ଆନ୍ଦୋଳନ

**ଆରଡ଼ି, ୨୮।୭ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ଆସନ୍ତା ୩୦ ତାରିଖରେ ସୁନ୍ଦରପୁରଠାରେ ଆଖଣ୍ଡଳମଣି–ଭଦ୍ରକ ରାସ୍ତା ଅବରୋଧ କରିବେ। ସେମାନେ ଧାନ ବିକ୍ରି ଟଙ୍କା ପାଇଁ ଆନ୍ଦୋଳନ କରିବେ ବୋଲି ସୂଚନା ଦିଆଯାଇଛି। ଚାଷୀମାନେ ସୂଚନା ଦେଇ କହିଛନ୍ତି ଯେ, ସେମାନେ ଗତ ଫେବୃୟାରୀ ମାସଠାରୁ ମଣ୍ଡିକୁ ଧାନ ଦେବାର ୬ ମାସ ବିତିବାକୁ ବସିଲାଣି ସେମାନଙ୍କ ପ୍ରାପ୍ୟ ଟଙ୍କା ପାଇନାହାନ୍ତି। ସରକାରଙ୍କ ଘୋଷଣା ଅନୁସାରେ ଧାନ ବିକ୍ରିର ୨୪ ଘଣ୍ଟା ମଧ୍ୟରେ ସେମାନେ ଟଙ୍କା ପାଇବା କଥା। ହେଲେ ଏହାକୁ ଉପେକ୍ଷା କରାଯାଇଥିବାରୁ ସେମାନେ ଗତ ସପ୍ତାହରେ ଭଦ୍ରକ ଜିଲାପାଳଙ୍କ ସମେତ ଏଆର୍‌ସିଏସ୍, ଭଦ୍ରକ, ଜୋନାଲ ମ୍ୟାନେଜର, ବାଲେଶ୍ୱର, ଚାନ୍ଦବାଲି କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର, ଧୂଷୁରୀ ଥାନାଧିକାରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଥିଲେ। ୨୭ ତାରିଖ ସୁଦ୍ଧା ଏହି ଟଙ୍କା ପ୍ରଦାନ ନେଇ କୌଣସି ପଦକ୍ଷେପ ନିଆ ନ ଗଲେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଦର୍ଶାଯାଇଥିଲା। ଏହି ଦାବିପତ୍ରରେ ଦୋହରାପାଟଣା, ପାରଡିଆ, ଖଟୁଆପାଟଣା ଓ ସୁନ୍ଦରପୁର ଆଦି ଗ୍ରାମର ୧୬ ଚାଷୀ ସ୍ୱାକ୍ଷର କରିଥିଲେ।

# ଧରାପଡ଼ିଲେ ବ୍ୟାଟେରି ଚୋର

ଚାନ୍ଦବାଲି, ୨୮।୭ (ଡି.ଏନ.ଏ.)

ରାତିରେ ଘର ବାହାରେ ରହୁଥିବା ଟ୍ରାକ୍ଟର ଓ ଟ୍ରକରୁ ବ୍ୟାଟେରି ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ଏକ ଅଭିଯୋଗର ତଦନ୍ତ ପୂର୍ବକ ଚାନ୍ଦବାଲି ପୋଲିସ ଜଣେ ବ୍ୟାଟେରି ଚୋରଙ୍କୁ ଗିରଫ କରିଛି। ସେ ହେଲେ ଚାନ୍ଦବାଲି ଏନ୍‌ଏସି ଅଧୀନ ପାଟୁଳି ଗାଁର ବସନ୍ତ ବେହେରା। ଶନିବାର ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ବସନ୍ତଙ୍କ ବୟାନ ଅନୁସାରେ ପୋଲିସ ତାଙ୍କ ଭଡ଼ାଘରୁ ୭ଟି ବ୍ୟାଟେରି ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବକ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଗତ ୧୮ ତାରିଖରେ ବିଜୟନଗର ପଞ୍ଚାୟତର ରମେଶ ଚନ୍ଦ୍ର ପାଣ୍ଡବଙ୍କ ୨ଟି ଟ୍ରାକ୍ଟରରୁ ୨ଟି ବ୍ୟାଟେରି ଚୋରି ହୋଇଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୮୬/୧୯) ରୁଜୁ କରାଯାଇଥିଲା। ରମେଶଙ୍କର ଦୁଇ ଟ୍ରାକ୍ଟର ରାତିରେ ଗାଁ ନିକଟସ୍ଥ ହନୁମାନ ମନ୍ଦିର ପାଖରେ ଥିବାବେଳେ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଚାନ୍ଦବାଲି ଥାନାଧିକାରୀ ତାପସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଶୋଭନ ସ୍ୱାଇଁ ଓ ଆଦିତ୍ୟ ପ୍ରସାଦ ଜେନା କେତେକ ସ୍ଥାନରେ ଚଢ଼ାଉ କରିବା ସହ ସନ୍ଦେହରେ କେତେଜଣଙ୍କୁ ପଚରାଉଚରା କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ବସନ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ବ୍ୟାଟେରି ଚୋରି କରିଥିବା ସ୍ୱୀକାର କରିଥିଲେ। ତେବେ ପାଣିଝିରିଆ ଛକରେ ଥିବା ବସନ୍ତଙ୍କ ଭଡ଼ାଘର ତଲାସି ବେଳେ ସେଠାରୁ ୭ଟି ଚୋରି ବ୍ୟାଟେରି ମିଳିଥିଲା। ଉକ୍ତ ବ୍ୟାଟେରିଗୁଡ଼ିକୁ ଚଳିତ ମାସ ୧୮ରୁ ୨୨ ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ଓ ପରେ ଏହାକୁ ବିକ୍ରି ପାଇଁ ଯୋଜନା କରିଥିବା ବସନ୍ତ ପୋଲିସ ଆଗରେ ସ୍ୱୀକାର କରିଥିଲେ।


ଜବତ ହୋଇଥିବା ଚୋରି ବ୍ୟାଟେରି।

## ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଅନିୟମିତତା
# ହିତାଧିକାରୀଙ୍କ ଅଜାଣତରେ ଅର୍ଥ ହଡ଼ପ

**କପ୍ତିପଦା, ୨୮।୭ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ହତାଧିକାରୀ ଚୟନରେ ଅନିୟମିତତା ସାଙ୍ଗକୁ ଦୁର୍ନୀତି ସୀମା ଟପିଛି। କେତେକ ସ୍ଥାନରେ ଘର ନିର୍ମାଣ ସରି ନ ଥିବା ସତ୍ତ୍ୱେ ବିଲ୍ ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଥିବା ବେଳେ ଜାଲ୍ ହିତାଧିକାରୀଙ୍କ ନାମରେ ମଧ୍ୟ ଘର ମଞ୍ଜୁର କରାଯାଇ ବିଲ୍ ଉଠାଯାଇଥିବା ଏବେ ପଦାକୁ ଆସିଛି। ଜେଏସ ଜାମୁଡିହା ପଞ୍ଚାୟତର ଜାମୁଡିହା ଗ୍ରାମର ବିପିଏଲ ହିତାଧିକାରୀ ରବୀନ୍ଦ୍ର ଗିରି ଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇ ଦର୍ଶାଇଛନ୍ତି ଯେ, ୨୦୧୨–୧୩ ଆର୍ଥିକ ବର୍ଷରେ ତାଙ୍କ ନାଁରେ ୪୮ ହଜାର ୫୦୦ଟଙ୍କା ବ୍ୟୟ ଅଟକଳରେ ଇନ୍ଦିରା ଆବାସ ମଞ୍ଜୁର କରାଯାଇ ଟଙ୍କା ଉଠାଯାଇଛି। ତାଙ୍କୁ ଏ ବିଷୟରେ କେହି କିଛି ଜଣାଇ ନାହାନ୍ତି। ପୂର୍ବରୁ ଘର ପାଇଁ ଆବେଦନ କରି ସେ ନିରାଶ ହୋଇଥିଲେ। ସମ୍ପ୍ରତି ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ତାଙ୍କ ନାଁରେ ଘର ମଞ୍ଜୁର ହୋଇଥିବା ଜାଣି ୱେବସାଇଟ୍‌ରେ ଥିବା ତଥ୍ୟକୁ ଯାଞ୍ଚ କରିଥିଲେ। ଏହି ୱେବସାଇଟ୍ ତଥ୍ୟ ଡାଉନ ଲୋଡ କରି ଏହାର ତଦନ୍ତ କରିବା ଲାଗି ସେ ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଗିରିଙ୍କ ଅଭିଯୋଗ ଭିତ୍ତିରେ ଜିଲାପାଳ ଘଟଣାର ତଦନ୍ତ ଲାଗି କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲ୍ଲିକ୍‌ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ଘଟଣା ୨୦୧୨–୧୩ରେ ଘଟିଛି, ତଦନ୍ତ ପରେ ଏହାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି।

# ଖାଲରେ ଫସିଲା ୧୨ ଚକିଆ

**ଆନନ୍ଦପୁର, ୨୮।୭ (ସ୍ୱ.ପ୍ର.):** ୨୦ ନଂ ଜାତୀୟ ରାଜପଥର ଆନନ୍ଦପୁରର ଖପରାଖାଇ ଛକଠାରୁ ଶାଳପଡା ବସ୍ ଷ୍ଟପ୍ ପର୍ଯ୍ୟନ୍ତ ଓଭର ବ୍ରିଜ୍‌ର ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଥିବାରୁ ରବିବାର ଏକ ୧୨ ଚକିଆ ଯାନ ଶାଳପଡା ଅଣ୍ଡରପାସ୍‌ଠାରେ ଏକ ଖାଲରେ ଫସିଯାଇଥିଲା। ଫଳରେ ବହୁ ସମୟଧରି ଯାତାୟାତ ବ୍ୟାହତ ହୋଇଥିଲା। ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟକୁ ଅଧାପନ୍ତରିଆ ଛାଡି ପଳାଇଥିବା ଏକ ସଂସ୍ଥା ତରବରିଆ ଭାବେ କେତେକ ସର୍ଭିସ ରୋଡକୁ ନିର୍ମାଣ କରିଥିଲା। ହେଲେ ଏହି ସର୍ଭିସ୍ ରୋଡ ଏବେ ନଷ୍ଟ ହୋଇସାରିଲାଣି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର କୌଣସି ସ୍ଥାୟୀ ସମାଧାନ କରୁ ନାହାନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସାମୂହିକ ମରାମତି କରାଇପାରିଲେ ଯାତାୟାତରେ ସୁବିଧା ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# କିଚେନ ସେଣ୍ଟରରୁ ଚୋରି, ୫ ଗିରଫ

**ରେମୁଣା, ୨୮।୭ (ଡି.ଏନ.ଏ.):** ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନକୁ ମଧ୍ୟାହ୍ନ ଭୋଜନ ଯୋଗାଇବା ଲାଗି ରେମୁଣା ବ୍ଲକ ଶେରଗଡ଼ଠାରେ ସେଣ୍ଟ୍ରାଲାଇଜଡ୍ କିଚେନ ସେଣ୍ଟର କାମ ଚାଲିଛି। ସେଣ୍ଟର କାର୍ଯ୍ୟକ୍ଷମ ହେବା ପୂର୍ବରୁ ବିଭିନ୍ନ ଜିନିଷ ଚୋରି ହୋଇଯିବା ଏବଂ ଅଭିଯୋଗର ୨୦ ଦିନ ପରେ ୫ଜଣଙ୍କୁ ଗିରଫ କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଲେଶ୍ୱର ସହଦେବଖୁଣ୍ଟା ନିବାସୀ ଗୌରହରି ରାଉଳ ସେରଗଡ଼ ଫାଣ୍ଡିରେ କରିଥିବା ଅଭିଯୋଗ ଅନୁଯାୟୀ କିଚେନ ସେଣ୍ଟରର କାମ ଶେଷ ହୋଇ ଆସିଥିବା ବେଳେ ବିଭିନ୍ନ ଦିନରେ କିଛି କିଛି ସାମଗ୍ରୀ ଚୋରି ହୋଇ ଚାଲିଥିବା ନେଇ ଚଳିତ ମାସ ୪ତାରିଖରେ ସୂଚନା ମିଳିଥିଲା। ୮ତାରିଖରେ ରାଉଳ କେନ୍ଦ୍ର ବୁଲି ଆସିଥିବାବେଳେ ଚୋରି ହୋଇଯାଇଥିବା ସାମଗ୍ରୀ ସମ୍ପର୍କରେ ଅବଗତ ହେବା ପରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ ଅତି ସତର୍କତାର ସହିତ ତଦନ୍ତ କରି ପ୍ରଥମେ ୨ ଜଣ ଏବଂ ପରେ ଅନ୍ୟ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ଏକ ମାମଲା (ନଂ.୨୦୭/୨୦୧୯) ରୁଜୁ ହୋଇଥିଲା। ଶନିବାର ରାତି ସୁଦ୍ଧା ସମସ୍ତଙ୍କୁ ଗିରଫ କରାଯାଇଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ଗିରଫ ଯୁବକମାନେ ହେଲେ ସେରଗଡ଼ର ଭରତ ମୁଖୀ (୨୮), ରୁହିଆ ମୁର୍ମୁ (୨୪), ରାଜେନ୍ଦ୍ର ପରିଡ଼ା (୨୨), ବରୁଣସିଂର ଗଙ୍ଗାଧର ବେହେରା (୩୨) ଏବଂ ପାଟରାର ପଞ୍ଚାନନ ସାଉ (୩୩)।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ

## ସଚେତନତା ପଦଯାତ୍ରା, ସମାବେଶ

ବାଲିଆପାଳ, ୨୮।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲିସ୍ଥିତ ପରିଚାଳନା ସଙ୍ଗଠନ ଏବଂ ଓଁଙ୍କାର ପୂଜ୍ୟପୂଜା ସାହିତ୍ୟ ପରିଷଦ ପକ୍ଷରୁ ରବିବାର ମଦ ବିରୋଧରେ ସଚେତନତା ପଦାଯାତ୍ର ଆୟୋଜିତ ହୋଇଥିଲା। ପଦଯାତ୍ରାକାରୀମାନେ ସ୍ଥାନୀୟ ପଞ୍ଚାୟତ ଅଫିସ ପ୍ରାଙ୍ଗଣରୁ ବାହାରି ପୂରା ଗାଁ ପରିକ୍ରମା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ବେଆଇନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ କରିବା ଲାଗି ସେମାନେ ଦାବି କରି ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ପରିଚାଳନା ସଂଗଠନର ମୁଖ୍ୟ ରଞ୍ଜନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଦୁଇ ସଂଗଠନ ପକ୍ଷରୁ ଏକ ସମାବେଶ କରାଯାଇଥିଲା । ଏଥିରେ ରାମରଞ୍ଜନ ରାଉତ,ସଚୀନ୍ଦ୍ର ଦାସ, ନିମାଇ ମଣ୍ଡଳ, ଶାରଦା ମଣି ଗିରି, ଦିଲିପ କୁମାର ଗିରି, ବଟକୃଷ୍ଣ ଗିରି, ଶତ୍ରୁଘ୍ନ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, ନିଶିକାନ୍ତ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁରଲୀଧର ଦାସ, ବଙ୍କିମ ଗିରି, ଶ୍ୟାମସୁନ୍ଦର ଗିରି, ମାହେଶ୍ୱରୀ ଗିରି, ବିଷ୍ଣୁପଦ ଗିରି,ବିଶ୍ୱଜିତ ପ୍ରଧାନ,ସୁବଳ ଚନ୍ଦ୍ର ଦାସ,ପ୍ରଭାକର ଦାସ,ବଂଶୀଧର ଗିରି ପ୍ରମୁଖ ବେଆଇନ ମଦ କାରବାର ବନ୍ଦ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।


ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

## ସଂକ୍ଷେପରେ

### ବ୍ୟାଙ୍କ ଲୁଟ୍‌ର ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡରୁ ଗିରଫ

**ଢେଙ୍କିକୋଟ, ୨୮।୭(ଡି.ଏନ୍.ଏ.):** ହରିଚନ୍ଦନପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମରେ ଥିବା ଏଲ୍‌ଆଣ୍ଡଟି ପ୍ରାଇଭେଟ ଫାଇନାନ୍ସ ବ୍ୟାଙ୍କରୁ ତା୨୧।୫।୨୦୧୯ରିଖ ଦିନ ଦ୍ୱିପହରେ ୩ଜଣ ଏକ ବାଇକ୍‌ରେ ଆସି ୪ ଲକ୍ଷ ଟଙ୍କା ଲୁଟ୍ କରି ପଳାଇବା ପାଇଁ ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିଜୟ୍ ମୁଣ୍ଡା, ଗୁରବାଲମୁଚ ଧରାପଡ଼ିଥିଲେ ପରେ ଉଭୟଙ୍କୁ ହରିଚନ୍ଦନପୁର ଥାନା ପୋଲିସ ଜିମା ଦେଇଥିଲେ। ତାଙ୍କଠାରୁ ସେତେବେଳେ ପୋଲିସ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରିକଭରି କରିଥିବାବେଳେ ସହଯୋଗୀ ମାଷ୍ଟରମାଇଣ୍ଡ ଜନା କେରେଇ(୨୭) ଫେରାର୍ ହୋଇଯାଇଥିଲା। ମାତ୍ର ହରିଚନ୍ଦନପୁର ଥାନା ଆଇଆଇସି ଏସ୍.ଏନ୍.ଦାଶ ଘଟଣାର ତଦନ୍ତ ଜାରି ରଖିଥିଲେ। ଶନିବାର ସେ ତାଙ୍କ ଘର ଝାରଖଣ୍ଡ ନୂଆମୁଣ୍ଡି ଗ୍ରାମକୁ ଆସୁଥିବା ଖବର ପାଇ ଅଚାନକ ଚଢ଼ାଉ କରି ପୋଲିସ ତାକୁ କାବୁ କରିଛି। ରବିବାର ଜନାଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ ସ୍ୱାମୀଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୨୮।୭ :** ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ବାହାଘରର ୧୩ ମାସ ପରେ ଜଣେ ମହିଳା ଶନିବାର ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୋଗକାରୀଙ୍କ ସ୍ୱାମୀ ସମେତ ୫ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗକାରୀ ପୁରୁଣାବଜାର ଥାନା ପଠାଣମହଲାର ଗୁଲେଫିର୍ଦୌସ କାଦ୍‌ରୀ ଦର୍ଶାଇଛନ୍ତି ଯେ, ୨୦୧୮ ଜୁନ୍ ୧୮ ତାରିଖରେ ସେହି ଗାଁର ଶେଖ୍ କଲିମୁଦ୍ଦିନଙ୍କ ସହ ତାଙ୍କର ବିବାହ ହୋଇଥିଲା। ସେତେବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଏବେ ତାଙ୍କର ଏକ ନବଜାତ ଶିଶୁପୁତ୍ର ଅଛି। ଏହାମଧ୍ୟରେ ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ସ୍ୱାମୀଙ୍କ ସମେତ ଶାଶୁଘରର ଅନ୍ୟ ସଦସ୍ୟମାନେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଏଥିସହ ହତ୍ୟା ଧମକ ମଧ ଦିଆଯାଉଛି। ଏ ନେଇ ପୁରୁଣାବଜାର ଥାନାରେ ଯୌତୁକ ନିରୋଧ ଆଇନ-୪, ୪୯୮(ଏ), ୩୨୩, ୨୯୪, ୫୦୬, ୩୪ ଦଫାରେ ଏକ ମାମଲା (ନଂ.୧୩୬/୧୯) ରୁଜୁ କରାଯାଇଛି।

### ବସ୍ତା ଅଞ୍ଚଳର ୪ ମନ୍ଦିରରୁ ଚୋରି

**ବସ୍ତା,୨୮।୭(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ଥାନା ଓ ପଡ଼ୋଶୀ ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ଶନିବାର ରାତିରେ ୪ଟି ମନ୍ଦିରରୁ ଚୋରି ହୋଇଥିବା ଜଣାପଡ଼ିଛି। ଚୋରମାନେ ଠାକୁର ପିନ୍ଧିଥିବା ସମସ୍ତ ଅଳଙ୍କାର ଲୁଟି ନେଇଥିବା ରବିବାର ସକାଳେ ଜଣାପଡିବା ପରେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଗାଁ ଲୋକେ ସନ୍ଦେହରେ ଧରିଥିବା ୨ ଜଣଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚୁରା କରୁଥିବା କହିଛି। ବାହାର ଅଞ୍ଚଳରୁ ଆସି ଫେରି ଓ ଭିକ୍ଷା ବୃତ୍ତି କରି ଚଳୁଥିବା ଲୋକେ ଏଭଳି ଚୋରି ପଛରେ ସମ୍ପୃକ୍ତ ଥିବା ସ୍ଥାନୀୟ୍ ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଶବିବାର ରାତିରେ ବସ୍ତା ଥାନା କୁଣ୍ଡପୁର ଗ୍ରାମ ଏବଂ ରାସଗୋବିନ୍ଦପୁର ଥାନା କମାରଡ଼ିହା ଗ୍ରାମରେ ଥିବା ହନୁମାନ ମନ୍ଦିର ଓ ରଘୁନାଥଜୀଉ ମନ୍ଦିର ସମେତ ଖୁଣ୍ଟା ଜଗନ୍ନାଥ ମନ୍ଦିରରୁ ଚୋରି ହୋଇଥିବା ସକାଳେ ଜଣାପଡିବାରୁ ସମ୍ପୃକ୍ତ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକେ ଖୋଜାଖୋଜି ଆରମ୍ଭ କରି ବସ୍ତା ରେଳ ଷ୍ଟେଶନ ନିକଟରେ ରହୁଥିବା କେତେକ ଲୋକଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଠାରୁ ଠାକୁରଙ୍କର ରୁପା ମୁକୁଟ ଓ ହାର ଆଦି ମିଳିଥିବା କୁହାଯାଉଛି। ଏ ନେଇ ହଳଦିଆପଡ଼ା ଗ୍ରାମର ମଧୁସୁଦନ ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୯୯/୧୯) ରୁଜୁ କରି ଦୁଇଜଣଙ୍କୁ ଥାନାରେ ଅଟକ ରଖିଛି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ